ବର୍ଷ-୨୫, ସଂଖ୍ୟା-୧୭୩
ଭୁବନେଶ୍ୱର
୨୮, ଜୁନ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା


Vol.-25, Issue No. 173
Bhubaneswar
28, June, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ବଡ଼ଦାଣ୍ଡରେ ଭକ୍ତ-ଭଗବାନ ଏକାକାର






ପୁରୀ, ୨୭।୬(ମହାଭାରତ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରାର ପ୍ରଥମ ଦିନରେ ରଥା ଟଣା ସରିଛି। ଶୁକ୍ରବାର ଅପରାହ୍ଣ ସାଢ଼େ ୪ରେ ରଥଟଣା ଅରେମ୍ଭ ହୋଇଥିଲା। ବଡ଼ ଠାକୁର ବଳଭଦ୍ରଙ୍କ ରଥକୁ ପ୍ରଥମେ ଭିଡ଼ି ନେଇଥିଲେ ଭକ୍ତ। ଏହା ପରେ ମା ସୁଭଦ୍ରାଙ୍କ ରଥକୁ ଟାଣିଥିଲେ। ଭକ୍ତ ଶେଷରେ ଶ୍ରୀଜଗନ୍ନାଥଙ୍କ ରଥ ଟଣା ହୋଇଥିଲା। ତେବେ ପ୍ରଥମ ଦିନର ରଥ ଟଣା ପରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀମା ଛକରେ ଅଟକିଛି। ସେହିଭଳି ମରିଚିକୋଟ ଟାଉନ ଥାନା ନିକଟରେ ଅଟକିଲା ମା ସୁଭଦ୍ରାଙ୍କ ଦର୍ପଦଳନ ଏବଂ ଅଳ୍ପ ବାଟ ଟଣା ଗଡ଼ି ସିଂହଦ୍ୱାର ନିକଟରେ ହିଁ ଅଟକିଛି ନନ୍ଦିଘୋଷ ରଥ। ଶନିବାର ସକାଳ ସାଢ଼େ ୯ଟାରୁ ପୁଣି ରଥ ଟଣା ହେବ ଏନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।

ଏହା ପୂର୍ବରୁ ନିର୍ଦ୍ଧାରିତ ସମୟ ପହଣ୍ଡି ଆରମ୍ଭ ସକାଳ ୯ଟା ୩୦ରୁ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ ପହଣ୍ଡିରେ ଆସି ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିରାଜମାନ କରିଥିଲେ। ଏହା ପରେ ଟାହିଆ ସୁଶୋଭିତ ହୋଇ ଘଣ୍ଟ ବାଦ୍ୟ ତାଳେ ତାଳେ ହୁଳ ହୁଳିରେ ଧାଡ଼ି ପହଣ୍ଡିରେ ଆସିଥିଲେ ବଡ଼ ଭାଇ ବଳଭଦ୍ର। ଶ୍ରୀଜିଉଙ୍କ ପହଣ୍ଡି ଆରମ୍ଭ ହେବା ମାତ୍ରେ ବଡ଼ଦାଣ୍ଡ ହରିବୋଲ ହୁଳହୁଳିରେ ଉଛୁଳି ପଡ଼ିଥିଲା। ତାଳଧ୍ୱଜରେ ବିରାଜମାନ କରିଥିଲେ ବଡ଼ ଭାଇ। ତାଙ୍କ ପଛେ ପଛେ ପହଣ୍ଡିରେ ଦର୍ପଦଳନ ରଥରେ ବିରାଜମାନ କରିଥିଲେ ଦେବୀ ସୁଭଦ୍ରା। ଏହା ପରେ ଆସିଥିଲେ ଚକ୍ରରାଜ, ଓଡ଼ିଆଙ୍କ ମଉଡ଼ମଣି, କୋଟି ଆରାଧ୍ୟ ଦେବତା, ଜଗତର ନାଥ ଜଗନ୍ନାଥ। ଟାହିଆ ଲଗାଇ ସେବାୟତଙ୍କ ଘଣ୍ଟାବାଦ୍ୟ ତାଳେ ଝୁଲି ଝୁଲି ଧାଡ଼ି ପହଣ୍ଡିରେ ଆସିଥିଲେ ଚକାଆଖି। ତାଙ୍କର ଚୋକାଆଖି ଦେଖି ଆହ୍ଲାଦିତ ହୋଇ ଉଠିଥିଲେ ଶ୍ରଦ୍ଧାଳୁ। ଢଳି ଢଳି ଝୁଲି ଝୁଲି ଆସି ନନ୍ଦିଘୋଷ ରଥରେ ବିରାଜମାନ କରିଥିଲେ। ମହାବାହୁ ପାଖାପାଖି ୧ଟାରେ ପହଣ୍ଡି ବିଜେ ନୀତି ସଂପନ୍ନ ହୋଇଥିଲା।

ଏହା ପରେ ତିନି ରଥରେ ଶ୍ରୀ ମଦନ ମୋହନ, ଶ୍ରୀରାମ, ଶ୍ରୀକୃଷ୍ଣ ବିଜେ ନୀତି ସଂପନ୍ନ ହୋଇଥିଲା। ତିନି ବିଗ୍ରହଙ୍କ ଚିତା ଲାଗି- ଅପରାହ୍ଣ ୧ଟା ୩୦ରୁ ୨ଟା ଭିତେ ସଂପନ୍ନ ହୋଇଥିଲା। ଅପରାହ୍ଣ ୧ଟା ୩୦ରୁ ୨ଟା ୩୦ ଭିତରେ ବେଶ ଶେଷ ହୋଇଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ। ପ୍ରାୟ ୨ଟା ୩୦ରୁ ଛେରା ପହଁରା ନୀତି ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହ ଦେବ ତମଜାନରେ ଆସିଥିଲେ। ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ଗଜପତି ଦର୍ପଦଳନ ଏବଂ ଶେଷରେ ନନ୍ଦିଘୋଷ ରଥରେ ଛେରାପହଁରା ନୀତି ସଂପନ୍ନ କରିଥିଲେ। ଏହି ନୀତି ପରେ ତିନି ରଥରେ ଚାରମାଳ ଫିଟା, ଘୋଡ଼ା ଓ ସାରଥୀ ଯୋଉ଼ ଯାଇଥିଲା ଆଉ ଶେଷରେ ନିର୍ଦ୍ଧାରିତ ସମୟ ପ୍ରାୟ ୪ଟାରେ ରଥଟଣା ଆରମ୍ଭ ହୋଇଛି। ରଥଯାତ୍ରା ଅବସରରେ ଆଜି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ନୀତିକାନ୍ତି ଆରମ୍ଭ ହୋଇଥିଲା। ଅପରାହ୍ଣ ୪ଟା ସୁଦ୍ଧା ତିନି ରଥରୁ ଚାରମାଳ ଫିଟା ଯାଇଥିଲା। ଅପରାହ୍ଣର ପ୍ରାୟ ୪ଟା ୧୦ରେ ତାଳଧ୍ୱଜ ରଥ ଶରଧାବାଲି ଅଭିମୁଖେ ବାହାରିଥିଲେ। ପ୍ରାୟ ୬ଟାରେ ସଉଭଦ୍ରାଙ୍କ ଦର୍ପଦଳନ ବାହାରିଥିବା ବେଳେ ୭ଟା ୪୫ରେ ନନ୍ଦିଘୋଷରେ ମହାପ୍ରଭୁ ଜଗନ୍ନାଥ ଆଗକୁ ବଢ଼ିଥିଲେ। ଏହା ପୂର୍ବରୁ ସକାଳ ୬ଟାରେ ମଙ୍ଗଳ ଆଳତିରୁ ରଥଯାତ୍ରା ପାଇଁ ଚତୁର୍ଦ୍ଧା ମୂରତିଙ୍କ ରୀତିନୀତି ଆରମ୍ଭ ହୋଇଥିଲା। ଏହା ପରେ ସକାଳ ୬ଟା ୧୦ରେ ମଇଲମ, ସକାଳ ୬ଟା ୩୦ରେ ତଡ଼ପଲାଗି, ରୋଷହୋମ ସକାଳ ୬ଟା ୩୦, ଅବକାଶ ନୀତି ସକାଳ ୭ଟାରେ ସଂପନ୍ନ ହୋଇଥିଲା। ଏହା ପରେ ସୂର୍ଯ୍ୟ ପୂଜା ସକାଳ ୭ଟା ୧୦, ଦ୍ୱାରପାଳ ପୂଜା ସକାଳ ୭ଟା ୩୦, ବେଶ ଶେଷ ନୀତି ସକାଳ ୭ଟା ୩୦ରେ ଅନୁଷ୍ଠିତ ହୋଇଥିଲା ଗୋପାଳ ବଲ୍ଲଭ ଓ ସକାଳ ଧୂପ(ଖେଚୁଡ଼ି ଭୋଗ)- ସକାଳ ୮ଟାରୁ ୯ ପର୍ଯ୍ୟନ୍ତ ଚାଲିଥିଲା ରଥ ପ୍ରତିଷ୍ଠା ସକାଳ ୯ଟା ଓ ମଙ୍ଗଳାର୍ପଣ ସକାଳ ୯ଟା ୧୫ରେ ଶେଷ ହୋଇଥିଲା।

## ରଥଟଣା ବିଳମ୍ବର ପ୍ରକୃତ କାରଣ କହିଲେ ଆଇନ ମନ୍ତ୍ରୀ

**ପୁରୀ, ୨୭।୬(ମହାଭାରତ):** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଆଜି ବଡ଼ଦାଣ୍ଡରେ ଗଡ଼ିଛି ତିନି ରଥ ।ତେବେ କୌଣସି ବି ରଥ ଶରଧାବାଲିରେ ପହଞ୍ଚି ପାରି ନାହିଁ। ତେଣୁ ଆସନ୍ତାକାଲି ସକାଳ ୯ଟା ୩୦ର ରଥ ଟଣା ହେବ ଏବଂ ଏହାର ସିଧା ପ୍ରସାରଣ ବି ହେବ। ଏ ନେଇ ଶୁକ୍ରବାର ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସେ କହିଛନ୍ତି, ଯେଉଁମାନେ ଦର୍ଶନ କରି ପାରି ନାହାନ୍ତି, ସେମାନେ କାଲି ଦର୍ଶନ କରି ପାରିବେ। ଅବକାଶ ନୀତି ପରେ ରଥଟଣା ହେବ। ସମୟ ନିର୍ଘଣ୍ଟ ଅନୁସାରେ ପହଣ୍ଡି ସରିବା ସହ ୪ଟା ସୁଦ୍ଧା ସବୁ ରୀତିନୀତି ସଂପନ୍ନ ହୋଇଥିଲା। ଏପରିକି ୪ଟା ସୁଦ୍ଧା ରଥଟଣା ବି ଆରମ୍ଭ ହୋଇଥିଲା ।କିନ୍ତୁ ମହାପ୍ରଭୁ ପାଖାପାଖି ଆଶାଠୁ ଦେଢ଼ ଗୁଣ ଅଧିକ ଭକ୍ତ ଆସିଛନ୍ତି। ଯାହା ଗତ ବର୍ଷ ଅପେକ୍ଷା ବହୁତ ଅଧିକ। ତେବେ ରଥଟଣା ବିଳମ୍ବ ଘଟିବାରୁ ନନ୍ଦିଘୋଷ ରଥକୁ କେବଳ ବିଧି ମୁତାବକ କିଛି ପାଦ ଟଣା ଯାଇଛି। ଆସନ୍ତାକାଲି ସକାଳେ ପୁଣି ଥରେ ରଥଟଣା ହେବ ଏଥର ରଥଯାତ୍ରା ଅଘଟଣଶୂନ୍ୟ ରହିଛି। କାହିଁକି ରାତି ୭ଟା ୪୫ରେ ନନ୍ଦିଘୋଷ ରଥ ଟଣାଗଲା ଏହାର ଉତ୍ତରରେ ଆଇନ ମନ୍ତ୍ରୀ କହିଛନ୍ତି, ଏଥିରେ ନୂଆ କଥା କିଛି ନୁହେଁ। ଏମିତି ଅନେକ ଥର ସୂର୍ଯ୍ୟାସ୍ତ ପରେ ବି ଲାଇଟ୍ ଲଗାଯାଇ ରଥଟଣା ହୋଇଛି। ରଥଯାତ୍ରା ଦିନ ରଥ ଗଡ଼ିବାର ଯେଉଁ ବିଧି ରହିଛି ।ସେହି ପ୍ରକ୍ରିୟାର ପାଳନ କରାଯାଇଛି ।ଆସନ୍ତାକାଲି ସକାଳେ ପୁଣି ରଥଟଣା ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।



ବଳଭଦ୍ରଙ୍କ ରଥ ମୋଡ଼ ବଦଳିବା କାରଣରୁ ରଥଟଣା ବିଳମ୍ବ ହୋଇଥିଲା। ପାଗ ଭଲ ହୋଇଥିବାରୁ ବିପୁଳ ପରିମାଣରେ ଭକ୍ତଙ୍କ ସମାଗମ ହୋଇଛି।

## ରଥଯାତ୍ରା ବିଶେଷାଙ୍କ ଉନ୍ମୋଚିତ

ପୁରୀ, ୨୭।୬ (ମହାଭାରତ) : ରଥଯାତ୍ରା ଅବସରରେ ଆଜି ପୁରୀ ବଡ ଦାଣ୍ଡରରେ ଉନମୋଚିତ ହୋଇଛି ଉକ୍ରଳ ପ୍ରସଂଗର ସ୍ୱତନ୍ତ୍ର ସଂଖ୍ୟା। ଏହି ସ୍ୱତନ୍ତ୍ର ସଂଖ୍ୟାଟି ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଉପରେ ଅଧାରିତ। ଯାହାକୁ କୁହାଯାଇଛି ରଥଯାତ୍ରା ବିଶେଷାଙ୍କ। ଏହି ସ୍ୱତନ୍ତ୍ର ସଂଖ୍ୟାରେ ରଥଯାତ୍ରାର ଇତିହାସ, କିମ୍ବଦନ୍ତୀ ଏବଂ ଗବେଷଣା ସାହିତ୍ୟ ଉପରେ ଆଧାରିତ ହୋଇଛି। ଏହି ସଂଖ୍ୟାରେ ରାଜ୍ୟର ବିଶିଷ୍ଟ ଲେଖକଙ୍କର ଲେଖା ପ୍ରକାଶିତ ହୋଇଛି। ଏହି ସଂଖ୍ୟାକୁ ରାଜ୍ୟପାଳ ହରିବାବୁ କୁମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ରସିଂ ଶେଖାୱାତ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, କେଭି ସିଂହଦେଓ ପ୍ରମୁଖ ଉନମୋଚନ କରିଥିଲେ।

## କଟକଣାକୁ ମାନିଲେନି ସେବାୟତ

ପୁରୀ, ୨୭।୬(ମହାଭାରତ): ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶକୁ ଫୁ କରି ଉଡ଼ାଇଦେଲେ ସେବାୟତ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଆଇନ ମନ୍ତ୍ରୀଙ୍କ ବାରମ୍ବାର ଚେତାବନୀ ସତ୍ତ୍ୱେ ରଥ ଉପରେ ମୋବାଇଲ ଦେଖିବାକୁ ମିଳିଛି। ଆଜି ଏକାଧିକ ସେବାୟତ ରଥ ଉପରେ, ଅଣ୍ଟାରେ ମୋବାଇଲ ଖୋସିଥିବା କ୍ୟାମେରାରେ କଏଦ୍ ହୋଇଛି। ରଥ ଉପରକୁ ମୋବାଇଲ ନେବା ଏବଂ ଫଟୋ, ଭିଡିଓ କରିବା ବାରଣ କରିଛି ଶ୍ରୀମନ୍ଦିର ପ୍ରଶାସନ । ଏପରିକି ରଥକୁ ମୋବାଇଲ ନେଲେ ଗିରଫ କରାଯିବ ଏବଂ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି ଖୋଦ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଥିଲେ । କିନ୍ତୁ ସବୁ କଟକଣା, ନିର୍ଦ୍ଦେଶ ଓ ବାରଣକୁ ମାନିନାହାନ୍ତି ସେବାୟତ। ତେବେ ଆଜି ଜଣଙ୍କୁ ଟ୍ରାକ୍ କରାଯାଇଛି, ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।



## ଶତାଧିକ ଶ୍ରଦ୍ଧାଳୁ ମେଡ଼ିକାଲରେ ଭର୍ତ୍ତି

ପୁରୀ, ୨୭।୬(ମହାଭାରତ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବରସରେ ୬୦୦ରୁ ଅଧିକ ଶ୍ରଦ୍ଧାଳୁ ମେଡିକାଲରେ ଭର୍ତ୍ତି ହୋଇଛନ୍ତି ।ରଥଟଣା ସମୟରେ ଦଳାଚକଟା ଏବଂ ଅଣନିଶ୍ୱାସୀ ହୋଇ ଅଧିକାଂଶ ଶ୍ରଦ୍ଧାଳୁ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି କିଛି ଭକ୍ତ ସମୁଦ୍ରରେ ଗାଧେଇବା ବେଳେ ଆହତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ସେଥି ମଧ୍ୟରୁ ଅଧିକାଂଶ ମହିଳା ବୟସ୍କ ବ୍ୟକ୍ତି ଅଛନ୍ତି। ପ୍ରତି ୫ ମିନିଟରେ ବଡ଼ଦାଣ୍ଡରୁ ଆମ୍ବୁଲାନ୍ସ ଯୋଗେ ଶ୍ରଦ୍ଧାଳୁଙ୍କୁ ମେଡିକାଲକୁ ନିଆଯାଇଥିଲା। ଗୋଟେ ପଟେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ, ଅନ୍ୟପଟେ ରଥଟଣାରେ ବିଳମ୍ବ ଯୋଗୁ ଏଭଳି ଅଘଟଣ ଘଟିଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଚଳିତ ବର୍ଷ ରଥଯାତ୍ରାରେ ୨୦୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହିତ ୧୩୦୦ ଅଧିକାରୀ ପୁରୀ ବଡ଼ଦାଣ୍ଡରେ ନିୟୋଜିତ ହୋଇଛନ୍ତି। ସ୍ୱାସ୍ଥ୍ୟ ସେବା ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟର ସମସ୍ତ ଡାକ୍ତର ଓ କର୍ମଚାରୀ ସମେତ ଓଡ଼ିଶାର ବିଭିନ୍ନ ମେଡିକାଲରୁ ୩୦୦ଜଣ ଡାକ୍ତର ଓ କର୍ମଚାରୀ ନିୟୋଜିତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ବିଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି ।

## ମହାପ୍ରଭୁଙ୍କ ଲୀଳା ଅପାର : ଧର୍ମେନ୍ଦ୍ର

ପୁରୀ, ୨୭।୬(ମହାଭାରତ): ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର ରଥଯାତ୍ରାରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭକ୍ତମାନଙ୍କ ସହ ରଥାରୁଢ଼ ଚତୁର୍ଦ୍ଧାମୂରତିଙ୍କ ଦର୍ଶନ କରିଛନ୍ତି।

ପବିତ୍ର ରଥଯାତ୍ରାର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ରଥଯାତ୍ରା ସମସ୍ତଙ୍କ ପାଇଁ ଏକ ପବିତ୍ର ଦିନ । ମହାପ୍ରଭୁ ଶ୍ରୀଜଗନ୍ନାଥ ଜଗତର ରକ୍ଷାକର୍ତ୍ତା । ତାଙ୍କର ଲୀଳା ଅପାର । ଜାତି, ଧର୍ମ, ବର୍ଣ୍ଣ, ବିଶ୍ୱାସ ନିର୍ବିଶେଷରେ ସେ ସମସ୍ତଙ୍କର ନାଥ । ଆଜି ବଡ଼ଦାଣ୍ଡରେ ରଥାରୂଢ଼ ଚକାନୟନ, ବଡ ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରିବା ମୋର ସୌଭାଗ୍ୟ । ସବୁ ଭକ୍ତମାନେ ଆନନ୍ଦ ଓ ଉତ୍ସାହର ସହ ଆଧାତ୍ମିକ ବାତାବରଣରେ ରଥ ଭିଡ଼ିଛନ୍ତି । ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତବର୍ଷ ରଥଯାତ୍ରା ବ୍ୟବସ୍ଥିତ ହୋଇଛି । ଏହି ବ୍ୟବସ୍ଥା ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।ରଥଯାତ୍ରା ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ସହ 'ଶ୍ରୀଜଗନ୍ନାଥ ମନ୍ଦିର ସତ୍‌ଲିପି' ଓ ଉତ୍କଳ ପ୍ରସଙ୍ଗର ରଥଯାତ୍ରା ବିଶେଷାଙ୍କ ପତ୍ରିକା ଉନ୍‌ମୋଚନ କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ କହିବା ସହ ଏହି ଉପାଦେୟ ସତ୍‌ଲିପି ଓ ପତ୍ରିକାର ବିପୁଳ ପାଠକୀୟ ଆଦୃତି ଲାଭ କରିଛନ୍ତି ଶ୍ରୀ ପ୍ରଧାନ । ଏହା ପୂର୍ବରୁ ଶ୍ରୀ ପ୍ରଧାନ ପୁରୀ ଗୋବର୍ଦ୍ଧନ ପୀଠ ପରିଦର୍ଶନ କରିବା ସହ ଶଙ୍କରାଚାର୍ଯ୍ୟ ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ଏବଂ ଜଗଦଗୁରୁ ପରମପୂଜ୍ୟ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ରାମଭଦ୍ରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇଥିଲେ । ବଡଦାଣ୍ଡରେ ବିଶ୍ୱ ହିନ୍ଦୁ ପରିଷଦ ସେବା ବିଭାଗ ତରଫରୁ ଆୟୋଜିତ ଅନ୍ନଦାନ ସେବାରେ ସାମିଲ ହୋଇ ଶ୍ରୀ ପ୍ରଧାନ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରିଥିଲେ । ପୁରୀରେ ରଥଯାତ୍ରାକୁ ଶୃଙ୍ଖଳିତ କରିବା ସହ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ହୋଇଥିବା "ଇଣ୍ଟିଗ୍ରେଟେଡ୍ କମାଣ୍ଡ୍ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର" ପରିଦର୍ଶନ କରିବା ସହ ରଥଯାତ୍ରାରେ ପ୍ରଥମ ଥର ପାଇଁ ଡ୍ରୋନ୍ ଓ ଅନ୍ୟାନ୍ୟ ଟେକ୍‌ଲୋଲୋଜି ମନିଟରିଂ ଦିଗରେ ଓଡ଼ିଶା ପୋଲିସର ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ ।



## ରଥ ଚକା ତଳେ ଜୀବନ ଗଲା

**ପୋଲସରା, ୨୭।୬** (ମହାଭାରତ) **:** ସ୍ଥାନୀୟ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗାଁରେ ରଥଟଣା ଚାଲିଥିବା ସମୟରେ ପ୍ରବଳ ଭିଡି ହୋଇଥିଲା। ଏହି ଭିଡ ଭିତରେ ଜଣେ ଯୁବକ ରଥ ଟାଣୁଥିବା ସମୟରେ ହଠାତ୍ ତଳେ ପଡି ଯିବାରୁ ତାଙ୍କ ଉପରେ ରଥ ଚକ ମାଡି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବ୍ରହ୍ମପୁର ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସଂପୃକ୍ତ ଆହତ ଯୁବକଙ୍କର ମୃତ୍ୟୁ ଘଟିଥିଲା। ଯାହା ଫଳରେ କିଛି ସମୟ ପାଇଁ ରଥ ଟରା ବନ୍ଦ ହୋଇ ଯାଇଥିଲା।

## ୩୦ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୭।୬** (ମହାଭାରତ)**:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗାମୀଜୁନ୍ ୩୦ ତାରିଖ, ସୋମବାର ଦିନ ସକାଳ ୧୦.୩୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁନ୍ ୨୭ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରାଯିବା ପର୍ଯ୍ୟନ୍ତ ଖୋଲା ରହିବ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ମୋବାଇଲ ଫୋନ୍ ଦ୍ୱାରାଉଦ୍ଦିଷ୍ଟ କ୍ୟୁଆରକୋଡକୁ ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣି ସ୍ଥଳରେ ପହଞ୍ଚିବାର ସୁବିଧା ମଧ୍ୟ ବିଭିନ୍ନ ସଂବାଦପତ୍ରରେ ପ୍ରକାଶନ ବ୍ୟବସ୍ଥା କରାଯାଇଛି । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୭।୬(ମହାଭାରତ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରଥଯାତ୍ରା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ। ମୁର୍ମୁ ସେ କହିଛନ୍ତି, ''ପବିତ୍ର ରଥଯାତ୍ରା ଉପଲକ୍ଷେ ମୁଁ ଦେଶ-ବିଦେଶରେ ରହୁଥିବା ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତଗଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ରଥ ଉପରେ ବିଜେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ଦର୍ଶନ କରି ଲକ୍ଷ ଲକ୍ଷ ଭକ୍ତ ଦିବ୍ୟ ଅନୁଭୂତି ଲାଭ କରିଥାନ୍ତି। ଶ୍ରୀଜୀଉମାନଙ୍କ ମାନବୀୟ ଲୀଳା ହିଁ ରଥଯାତ୍ରାର ବିଶେଷତ୍ୱ ସାରା ପୃଥିବୀରେ ଶାନ୍ତି, ମୈତ୍ରୀ ଓ ସଂପ୍ରୀତି ଅବ୍ୟାହତ ରହୁ, ଏହି ପୁଣ୍ୟ ଅବସରରେ ଏହା ମୋର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା"। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ପବିତ୍ର ରଥଯାତ୍ରା ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଶ୍ରଦ୍ଧା ଓ ଭକ୍ତିର ଏହି ପବିତ୍ର ଉତ୍ସବ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଭରି ଦେଉ ଏତିକି କାମନା ଜୟ ଜଗନ୍ନାଥ '।



## ମସୁର ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ସ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

### ଖବର

# ମୁହଁରେ ରକ୍ତ ଓ ଆଖିରେ କ୍ରୋଧର ଜ୍ୱାଳା, ଭିନ୍ନ ଅବତାରରେ ରଶ୍ମିକା







'ଛାଭା'ର ଜବରଦସ୍ତ ସଫଳତା ପରେ ରଶ୍ମିକା ମନ୍ଦାନା ଏବେ ଧନୁଷଙ୍କ 'କୁବେରା'ରେ ନଜର ଆସିଛନ୍ତି। ଇତି ମଧ୍ୟରେ ଅଭିନେତ୍ରୀଙ୍କ ଆଗାମୀ ଫିଲ୍ମର ପୋଷ୍ଟର ରିଲିଜ୍ ହୋଇଛି। ଶୁକ୍ରବାର ରିଲିଜ୍ ହୋଇଥିବା ଏହି ପୋଷ୍ଟରରେ ରଶ୍ମିକା ସମ୍ପୂର୍ଣ୍ଣ ଭିନ୍ନ ତଥା ଲୋମହର୍ଷଣକାରୀ ଅବତାରରେ ନଜର ଆସିଛନ୍ତି, ଯେଉଁଥିପାଇଁ ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହ ବୃଦ୍ଧି ପାଇଛି। ଚଳଚ୍ଚିତ୍ର ନିର୍ମାତା ପୋଷ୍ଟର ସହ ଏହାର ଟାଇଟଲ ମଧ୍ୟ ଘୋଷଣା କରିଛନ୍ତି।ଦକ୍ଷିଣ ଭାରତୀୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କ ଆଗାମୀ ଫିଲ୍ମର ପୋଷ୍ଟର ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏଥିରେ ଅଭିନେତ୍ରୀଙ୍କ ପ୍ରଥମ ଲୁକ୍ ସାମ୍ନାକୁ ଆସିଛି, ଯେଉଁଥିରେ ସେ ହାତରେ ଅସ୍ତ୍ର ଧରିଛନ୍ତି। ଏଥିସହ ଅଭିନେତ୍ରୀଙ୍କ ମୁହଁ ରକ୍ତ ଜୁଡ୍ଡୁବୁଡ୍ଡୁ ହୋଇଥିବା ଏବଂ ତାଙ୍କ ଆଖିରେ କ୍ରୋଧର ଜ୍ୱାଳା ଦେଖିବାକୁ ମିଳିଛି।ଗତକାଲି ମଧ୍ୟ ରଶ୍ମିକା ଫିଲ୍ମର ଏକ ପୋଷ୍ଟର ଶେୟାର କରିଥିଲେ, ଯେଉଁଥିରେ ସେ ହାତରେ ଅସ୍ତ୍ର ଧରି ଠିଆ ହୋଇଥିଲେ। ଏଥିସହ ଫିଲ୍ମର ନାମ ଆଜି ଘୋଷଣା ହେବ ବୋଲି ସୂଚନା ଦେଇଥିଲେ।ପୋଷ୍ଟର ଶେୟାର କରି ରଶ୍ମିକା କ୍ୟାପ୍ସନରେ ଲେଖିଛନ୍ତି, ''ମୁଁ ସର୍ବଦା ଆପଣମାନଙ୍କୁ କିଛି ନୂଆ ଦେବାକୁ ଚେଷ୍ଟା କରେ। କିଛି ଭିନ୍ନ, ରୋମା□କର ଏବଂ ଏହା ତା' ମଧ୍ୟରୁ ଗୋଟିଏ। ଏପରି ଏକ ଚରିତ୍ର ଯେଉଁଥିରେ ମୁଁ ପୂର୍ବରୁ କେବେ ଅଭିନୟ କରିନାହିଁ, ଏପରି ଏକ ଦୁନିଆ ଯେଉଁଥିରେ ମୁଁ କେବେ ପାଦ ଦେଇନାହିଁ ଏବଂ ମୋର ଏଭଳି ଏକ ରୂପ ଯାହାକୁ ମୁଁ ମଧ୍ୟ ପୂର୍ବରୁ କେବେ ଭେଟି ନଥିଲି। ଏହା ଅତ୍ୟନ୍ତ ତୀବ୍ର ଓ ଭୟଙ୍କର, ସେଥିପାଇଁ ମୁଁ ସାମାନ୍ୟ ଅଧୀର, କିନ୍ତୁ ବହୁତ ଉତ୍ସାହିତ ମଧ୍ୟ ଅଛି। ଏହି ପୋଷ୍ଟର ରିଲିଜ୍ କରି ଫିଲ୍ମ ନିର୍ମାତାମାନେ ଏହାର ଟାଇଟଲ ମଧ୍ୟ ଘୋଷଣା କରିଛନ୍ତି। ରଶ୍ମିକା ମନ୍ଦାନାଙ୍କ ଏହି ଆଗାମୀ ଫିଲ୍ମର ନାମ 'ମାଏସା'। ରବିନ୍ଦ୍ର ପୁଲେ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଥିବାବେଳେ ଅଜୟ ଏବଂ ଅନିଲ ସୟାପୁରେଡ୍ଡୀ ପ୍ରଯୋଜନା ଭାର ବହନ କରିଛନ୍ତି। ଚଳଚ୍ଚିତ୍ରକୁ ୪ଟି ଭାଷାରେ ମୁକ୍ତିଲାଭ କରାଯିବ। ଏବେ ଦର୍ଶକ 'ମାଏସା'ର ମୁକ୍ତିଲାଭ ତାରିଖ ଘୋଷଣା ଅପେକ୍ଷାରେ ରହିଛନ୍ତି।

## ଶ୍ରୀନାଥ : ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ



୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେଓ୍ୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି । ବର୍ତ୍ତମାନ ଶ୍ରୀନାଥଜୀଙ୍କ ମନ୍ଦିର ରାଜସ୍ଥାନର ଉଦୟପୁର ଠାରୁ ୪୮ କିଲୋମିଟର୍ ଦୂର ନାଥଦ୍ୱାର ନାମକ ସ୍ଥାନରେ ରହିଛି ।

# ପରିବାରରେ ହସଖୁସି ବଜାୟ ରଖେ ଏହି ଉପାୟ



ଅନେକଙ୍କ ଘରେ କିଛି ନା କିଛି କାରଣରୁ ହେଉ ଅଥବା କଥାକୁ ନେଇ ଅଧିକାଂଶ ସମୟରେ କଳହ ହେଉଥିବା ଦେଖାଯାଏ। ଯାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ସଭିଏଁ ଇଚ୍ଛା କରିଥାଆନ୍ତି ତାଙ୍କ ଘରେ ସର୍ବଦା ହସଖୁସିର ବାତାବରଣ ରହୁ। ସଦସ୍ୟଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁ। ଜାଣନ୍ତୁ ୫ଟି ସରଳ ଓ ସହଜ ଉପାୟ ଯାହା ପରିବାର ସଦସ୍ୟଙ୍କ ମଧ୍ୟରେ ଶାନ୍ତି ଓ ଭଲପାଇବା ବୃଦ୍ଧି କରିଥାଏ।

୧- ଘରର ବାତାବରଣକୁ ଶକ୍ତିମୟ କରିବା ପାଇଁ ୧ କପ ଖିରରେ କିଛି ମିଠା ମିଶାଇ ବରଗଛ ମୂଳରେ ପ୍ରତିଦିନ ଅର୍ପଣ କରନ୍ତୁ। ସେହି ସ୍ଥାନର କିଛି ମାଟି ନେଇ ମଥାରେ ଲଗାନ୍ତୁ। ଏହାକୁ ସୋମବାର ରୁ ଶୁକ୍ରବାର ନିୟମିତ ୪୩ ଦିନ ଯାଏଁ କରନ୍ତୁ। ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।

୨- ସୂର୍ଯ୍ୟାସ୍ତ ପରେ ମଙ୍ଗଳବାର ଦିନ ଅସହାୟଙ୍କୁ ସୁଜି ହାଲୱା ଖାଇବାକୁ ଦିଅନ୍ତୁ।

୩- ଶୁଭ ମୂହୁର୍ତ୍ତରେ ଶ୍ରୀଯନ୍ତ୍ରକୁ ଘରକୁ ଆଣି ରଖନ୍ତୁ। ଏହାକୁ ପ୍ରତିଦିନ ଦର୍ଶନ କରନ୍ତୁ।

୪- ଗୁରୁବାର ଓ ରବିବାର ଦିନ ଗୁଡ଼ ଓ ଘିଅ ମିଶାଇ ଅଗ୍ନିରେ ସମର୍ପଣ କରନ୍ତୁ। ଏହାଦ୍ୱାରା ଘରେ କଳହ ଦୂର ହୋଇଥାଏ।

୫- ପ୍ରଭୁ ଶିବଶଙ୍କର ପୂଜା ନିୟମିତ କରନ୍ତୁ।

# କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି



କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମସନ୍ନ୍ୟାସ ଯୋଗ ସମ୍ପର୍କରେ ବୁଝାଇବା ପରେ ବି ଅର୍ଜୁନଙ୍କ ବିଷାଦ ଦୂର ହୋଇନାହିଁ । ଏହାପରେ ଭଗବାନ ତାଙ୍କୁ ଆତ୍ମସଂଯମଯୋଗ ସମ୍ପର୍କରେ ବୁଝାଇବାକୁ ଚାହିଁଛନ୍ତି । କହିଛନ୍ତି, 'ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନକରି ନିର୍ଦ୍ଧାରିତ କର୍ମ କରନ୍ତି ସେ ସନ୍ନ୍ୟାସୀ ଓ ଯୋଗୀ ଅଟନ୍ତି । କେବଳ ଅଗ୍ନି ତ୍ୟାଗ କରିଥିବା ବ୍ୟକ୍ତି ସନ୍ନ୍ୟାସୀ ନୁହଁନ୍ତି କି କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି । ସଂକଳ୍ପ ତ୍ୟାଗ କରିନଥିବା କୌଣସି ବି ପୁରୁଷ ଯୋଗୀ ହୋଇପାରେ ନାହିଁ । କିନ୍ତୁ ଯେଉଁମାନେ ନିଷ୍କାମ ଭାବରେ କର୍ମ କରି ଚାଲନ୍ତି ସେମାନେ ଯୋଗାରୁଢ଼ । ଆଉ କୌଣସି ବ୍ୟକ୍ତି ଯୋଗାରୂଢ ହୋଇଯିବା ପରେ ତାଙ୍କ ମନରେ ସର୍ବସଂକଳ୍ପ ଶୂନ୍ୟତା ଆସିଥାଏ ଏବଂ ତାହା ତାଙ୍କ ପାଇଁ କଲ୍ୟାଣକର ହୋଇଥାଏ । ଏହି ଯୋଗାରୂଢ ପୁରୁଷମାନେ ଇନ୍ଦ୍ରିୟଭୋଗ ଓ କର୍ମମାନଙ୍କରେ ଆସକ୍ତ ହୁଅନ୍ତି ନାହିଁ ।' ଏହାସହ ଭଗବାନ ମଧ୍ୟ କହିଛନ୍ତି ଯେ, 'ମନୁଷ୍ୟ ନିଜକୁ ନିଜେ ଅଧୋଗତିରେ ନପାକାଇ ସଂସାର ସାଗରରୁ ଉଦ୍ଧାର କରିବା ଉଚିତ । କାରଣ ସେ ନିଜେ ନିଜର ମିତ୍ର ଓ ନିଜେ ନିଜର ଶତ୍ରୁ ଅଟେ । ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ସହିତ ଶରୀରକୁ ଜୟ କରିପାରିଛି ସେ ନିଜର ମିତ୍ର ଓ ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ତଥା ଶରୀରକୁ ଜୟ କରିପାରି ନାହିଁ ସେ ନିଜର ଶତ୍ରୁ ପରି ଆଚରଣ କରେ । ସେହିପରି ଶୀତ-ଉଷ୍ମ, ସୁଖ-ଦୁଃଖ ଓ ମାନ-ଅପମାନରେ ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଶାନ୍ତ ରହନ୍ତି ସେହି ସ୍ୱାଧୀନ-ଆତ୍ମବିଶିଷ୍ଟ ପୁରୁଷଙ୍କ ନିକଟରେ ପରମାତ୍ମା ଅବସ୍ଥାନ କରନ୍ତି ଏବଂ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ରହେନାହିଁ । ଯାହାଙ୍କ ଅନ୍ତଃକରଣ ଈଶ୍ୱରଙ୍କ ଜ୍ଞାନରେ ତୃପ୍ତ, ଯାହାଙ୍କ ସ୍ଥିତି ବିକାର ଶୂନ୍ୟ ଓ ଯାହାଙ୍କ ଇନ୍ଦ୍ରିୟମାନେ ସମ୍ପୂର୍ଣ୍ଣ ବଶୀଭୂତ ହୋଇଯାଇଛନ୍ତି ତାଙ୍କ ପାଇଁ ମାଟି, ପଥର, ସୁନା ସମାନ ହୋଇଥାଏ ତାଙ୍କର ଭଗବତପ୍ରାପ୍ତ ଯୋଗ ହୋଇଥାଏ । ସେହିପରି ସୁହୃଦ(ସ୍ୱାର୍ଥରହିତ ହୋଇ ସମସ୍ତଙ୍କ ହିତ କରୁଥିବା ବ୍ୟକ୍ତି), ମିତ୍ର, ଶତ୍ରୁ, ଉଦାସୀନ(ପକ୍ଷପାତ ରହିତ ବ୍ୟକ୍ତି), ମଧ୍ୟସ୍ଥ (ଉଭୟ ପକ୍ଷର ମଙ୍ଗଳକାମୀ), ବନ୍ଧୁଗଣ, ଧର୍ମାତ୍ମା, ପାପୀଙ୍କ ଠାରେ ସମାନ ଭାବ ରଖିଥିବା ବ୍ୟକ୍ତି ସଂସାରରେ ଶ୍ରେଷ୍ଠ ବୋଲି ମଧ୍ୟ ଭଗବାନ ଅର୍ଜୁନଙ୍କୁ ବୁଝାଇଛନ୍ତି। ଯୋଗ କିପରି କରାଯାଏ ସେ ସମ୍ପର୍କରେ ବୁଝାଇବାକୁ ଯାଇ ଭଗବାନ କହିଛନ୍ତି ଯେ, 'ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖିଥିବା, ଆଶାରହିତ ଓ ସଂଗ୍ରହ-ଇଚ୍ଛାଶୂନ୍ୟ ଯୋଗୀ ଏକାନ୍ତରେ ରହି ଆତ୍ମାକୁ ନିରନ୍ତର ଭାବରେ ପରମାତ୍ମା ପ୍ରାପ୍ତି ପାଇଁ ଲଗାଇବା ଉଚିତ । ଶୁଦ୍ଧଭୂମି ଉପରେ କ୍ରମଶଃ କୁଶଃ ପକାଇ, କୁଶଃ ଉପରେ ମୃଗଚର୍ମ ଓ ତା'ଉପରେ ବସ୍ତ୍ର ବିଛାଇ ଅତି ଉଚ୍ଚ ବା ନିଚା ନକରି ସେହି ଆସନ ଉପରେ ବସି, ଚିତ୍ତ ଓ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରି, ମନକୁ ଏକାଗ୍ର କରି ଅନ୍ତଃକରଣ ଶୁଦ୍ଧି ପାଇଁ ଯୋଗାଭ୍ୟାସ କରିବା ଉଚିତ । ଯୋଗାଭ୍ୟାସ ସମୟରେ ଶରୀର, ଶୀର ଏବଂ ଗ୍ରୀବା ସଳଖ ଓ ଅଚଳ ରଖି ଏବଂ ସ୍ଥିର ହୋଇ, ନିଜ ନାସିକାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରି ଅନ୍ୟଆଡ଼େ ନଚାହିଁ ବ୍ରହ୍ମଚର୍ଯ୍ୟବ୍ରତରେ ରହି, ଭୟରହିତ ହୋଇ ଶାନ୍ତ ଭାବରେ ମନ ସଂଯତ କରି ଈଶ୍ୱର(ମୋତେ)ଙ୍କ ଧ୍ୟାନ କରିଲେ ଈଶ୍ୱରପ୍ରାପ୍ତ ହୁଅନ୍ତି ।'

## ବର୍ଷା ଦିନେ ହାତ-ଗୋଡ଼ ଯନ୍ତ୍ରଣା ହେଉଥିଲେ ଆପଣାନ୍ତୁ ଏହି ସବୁ ଖାଦ୍ୟ



ବର୍ଷା ଓ ଶୀତ ଦିନରେ ହାତ ଏବଂ ଗୋଡ଼ରେ ଯନ୍ତ୍ରଣା ବଢ଼ି ଯାଇଥାଏ। କମ୍ ବୟସର ଲୋକଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ଭିଟାମିନ୍ ଡି ଏବଂ କ୍ୟାଲସିୟମର ଅଭାବ। ଏହି ଦୁଇ ଉପାଦାନରୁ ଅଭାବରୁ ଗଣ୍ଠି ଯନ୍ତ୍ରଣ ସାଙ୍ଗକୁ ହାତ ଓ ଗୋଡ଼ରେ ଦରଜ ହୋଇଥାଏୟ। ତେବେ କେଉଁ ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟାକୁ ଦୂର କରିପାରିବେ, ଜାଣନ୍ତୁ... ଭିଟାମିନ୍ ଡି ଏବଂ କ୍ୟାଲସିୟମ୍ ଭରପୂର ଖାଦ୍ୟ

କ୍ଷୀର ଏବଂ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ- ଶରୀରକୁ ସୁସ୍ଥ ରଖିବା ପାଇଁ କ୍ଷୀର ସର୍ବୋତ୍ତମୟ କ୍ଷୀରରେ କ୍ୟାଲସିୟମ ଏବଂ ଭିଟାମିନ୍ ଡି ପ୍ରଚୁର ପରିମାଣରେ ମିଳିଥାଏ। ଗାଈ କ୍ଷୀରରେ ଭିଟାମିନ୍ ଡି ଭରପୂର ମାତ୍ରାରେ ଥାଏ। ଫଳ ଏବଂ

କମଳା- କମଳାରୁ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମିଳିଥାଏୟ। ଦୈନିକ ଗୋଟିଏ କିମ୍ବା ଦୁଇଟି କମଳା ଖାଇବା ଦ୍ୱାରା ହାତ ଗୋଡ ଯନ୍ତ୍ରଣା ଦୂର ହୋଇପାରିବ। ଏହା ବ୍ୟତୀତ ଅନ୍ୟାନ୍ୟ ଫଳ ଜୁସ୍ ମଧ୍ୟ ପିଇପାରିବେ।

ସବୁଜ ପତ୍ରଯୁକ୍ତ ପନିପରିବା- ଫାଷ୍ଟ ଫୁଡ୍ ଏବଂ ଅନ୍ୟାନ୍ୟ ପ୍ରୋସେସ୍ଡ ଫୁଡକ୍ ବାଦ୍ ଦେଇ ଡାଏଟରେ ସବୁଜ ପତ୍ରଯୁକ୍ତ ପନିପରିବାକୁ ଅନ୍ତର୍ଭୁକ୍ତ କରନ୍ତ। ଏହା ଶରୀରକୁ କ୍ୟାଲସିୟମ, ଆଇରନ୍ ଏବଂ ଭିଟାମିନ୍ ଡି ଭଳି ଅତ୍ୟାବଶ୍ୟକ ପୋଷକ ତ□ ଯୋଗାଇଥାଏ। ଅସ୍ଥି ଯନ୍ତ୍ରଣାର ସମସ୍ୟା ଏବଂ ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ ସବୁଜ ପତ୍ରଯୁକ୍ତ ପନିପରିବା।

ସୋୟାବିନ୍- ବିଶେଷ କରି ଶାକାହାରୀ ବ୍ୟକ୍ତିଙ୍କର କ୍ୟାଲସିୟମ ଅଭାବ ଦେଖାଯାଏୟ ସେମାନଙ୍କ ପାଇଁ ସୋୟାବିନକୁ ସର୍ବୋତ୍ତମ ଭାବେ ବିବେଚନା କରାଯାଏୟ ଏଥିରୁ ଭିଟାମିନ୍ ଡି ମଧ୍ୟ ଭରପୂର ପରିମାଣରେ ମିଳିଥାଏୟ ଏହା ବ୍ୟତୀତ ଡ୍ରାଏ ଫ୍ରୁଟ୍ସ ଏବଂ ସିଡ୍ସ ମଧ୍ୟ ଖାଇପାରିବେୟ।

ଅଣ୍ଡା- ଅଣ୍ଡା ହେଉଛି ପ୍ରୋଟିନର ଗନ୍ତାଘର। ଏହା ବ୍ୟତୀତ ଭିଟାମିନ୍ ବି୧୨, କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମଧ୍ୟ ଅଣ୍ଡାରୁ ମିଳିଥାଏୟ ଅଣ୍ଡା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ। ପ୍ରତ୍ୟେହ ଗୋଟିଏ କିମ୍ବା ଦୁଇଟି ଅଣ୍ଡା ଖାଇବା ଦ୍ୱାରା କ୍ୟାଲସିୟମ ଏବଂ ଭିଟାମିନ୍ ଡିର ଅଭାବ ଦୂର ହୋଇପାରିବ।

# ପୋଲିସ ଫୋର୍ସ, ଅବକାରୀ ବିଭାଗ ଥିବା ସତ୍ତ୍ୱେ ନିଶା ରୋକିବା ପାଇଁ ଏସବୁ ଯଥେଷ୍ଟ ନୁହେଁ : ମନ୍ତ୍ରୀ

ଭୁବନେଶ୍ୱର, ୨୭।୬ (ମହାଭାରତ): ନିଶାଦ୍ରବ୍ୟ ଦୁରୂପଯୋଗ ଏବଂ ବେଆଇନ ଚୋରାଚାଲାଣ ବିରୋଧୀ ଆନ୍ତର୍ଜାତୀୟ ଦିବସରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ରାଜ୍ୟ ସ୍ତରୀୟ କର୍ମଶାଳା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ନିଶା ଦ୍ରବ୍ୟ ବ୍ୟବହାର ଯୋଗୁଁ କ୍ଷତି ହଉଛି।

ସୁସ୍ଥ ସମାଜ ଗଠନ ପାଇଁ ଏହାର ନିବାରଣ ଆବଶ୍ୟକ। ନିଶା ସେବନ ଦ୍ୱାରା ପରିବାର ନଷ୍ଟ ହେଉଛି, ନିଶା ସେବନ ପାଇଁ ଜନ ଜାଗରଣ ଆବଶ୍ୟକ। ମୁଁ ଆଦିବାସୀ ସମାଜରୁ ଆସିଛି। ଛୋଟ ବେଳେ ଦେଖିଛି ଅନେକ ଲୋକ ନିଶା ସେବନ କରି ଶିକ୍ଷା ଓ କୌଣସି ବିଷୟରେ ଅବଗତ ନାହାନ୍ତି। ଅଶାନ୍ତି ସୃଷ୍ଟି କରନ୍ତି, ସମୟ ସମୟରେ ମର୍ଡର କରନ୍ତି। ଛୋଟ ବେଳେ ଆମେ କେମିତି ବଂଚି ଯାଇଛୁ। ଆଦିବାସୀ ସମାଜରେ ମଦକୁ ଅତିଥି ସତ୍କାରରେ ବ୍ୟବହାର କରନ୍ତି। କଲେଜରେ ପାଠ ପଢିଲା ବେଳେ ଆଦିବାସୀ ସାହିରେ ରହିଛି, ସମସ୍ତଙ୍କ ଘରେ ମଦ ରନ୍ଧା ହୁଏ। ସେତବେଳେ ନିଶା ନିବାରଣ ପାଇଁ କାମ କରିଛି। ପୋଲିସ ଫୋର୍ସ, ଅବକାରୀ ବିଭାଗ ରହିଛି ତାସତ୍ତ୍ୱେ ବି ଏସବୁ ଯଥେଷ୍ଟ ନୁହଁ ନିଶା ରୋକିବା ପାଇଁ। ନିଶା ଦ୍ରବ୍ୟର ବ୍ୟବହାର ରାଜନୀତିରେ ହୁଏ ମତେ ବି କଷ୍ଟ ଲାଗେ। ନିର୍ବାଚନ ସମୟରେ ଏସବୁ ହୁଏ। ସଚେତନ କଲେ ସମାଜ ପରିବର୍ତ୍ତନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଶ୍ରେଷ୍ଠ ମେଡିକାଲ କଲେଜ ମଧ୍ୟରେ ସ୍ଥାନ ପାଇଲା ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, ୨୭।୬: ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି। ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇସେଟକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମୀକ ଉତ୍କର୍ଷତା', 'ଭିତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତିଗତ ଉନ୍ନତି ଏବଂ ପ୍ଲେସମେଣ୍ଟ ଆଦି ଭଳି ପାସଙ୍ଗଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି ।ଏହି ଅବସରରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏହିପରି ଜାତୀୟ ରାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ।' ୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା। ୨୦୨୫ ରେ ଏହି ସୂଚୀରେ ୧୨ତମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧିକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂହ, ଡ. ଗୌରବ ଛାବ୍ରା, ଡ. ପଙ୍କଜ କୁମାର, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ ଏବଂ ଡ. ମାଙ୍ଗାନି ମଙ୍ଗଳାବଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ।

# ଦୀଘାରୁ ଜଗନ୍ନାଥ ଧାମ ହଟାଇବାକୁ ଦାବି

**ଭୁବନେଶ୍ୱର, ୨୭।୬ (ସ୍ୱାଧିକାର ନ୍ୟୁଜ) :** ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଆଜକୁ ଦେଢ ହଜାର ବର୍ଷ ତଳେ ଭାରତ ବର୍ଷର ଚାରି ଦିଗରେ ଚାରୋଟି ଧାମ ପ୍ରତିଷ୍ଠା କରାଯାଇଥିଲା । ପଶ୍ଚିମରେ ଦ୍ୱାରକାଧାମ, ଦକ୍ଷିଣରେ ରାମେଶ୍ୱରଧାମ, ପୂର୍ବରେ ପୁରୀଧାମ ଓ ଉତ୍ତରରେ ବଦ୍ରିନାଥ ଧାମ । ଏହିଭଳି ଚାରୋଟି ଧାମ ସ୍ୱୟଂ ଆଦି ଶଙ୍କରାଚାର୍ଯ୍ୟ ତାଙ୍କର ଭାରତ ଭ୍ରମଣ ସମୟରେ ପ୍ରତିଷ୍ଠା କରିଥିଲେ । ଏହି ଚାରିଧାମ ମଧ୍ୟରୁ ପୁରୀ ଶ୍ରୀକ୍ଷେତ୍ର ଜଗନ୍ନାଥଧାମ୍ ସର୍ବଶ୍ରେଷ୍ଠ ବୋଲି ଆମ ସଂସ୍କୃତିରେ ଧରିନିଆଯାଇଛି । କିନ୍ତୁ ଦୁଃଖର କଥା ଗତ ଅକ୍ଷୟତୃତୀୟ ଦିନ ପଶ୍ଚିମବଙ୍ଗଳାର ଦୀଘାଠାରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯାଇ ଏହାକୁ 'ଦୀଘା ଜଗନ୍ନାଥଧାମ' ଆଖ୍ୟା ଦିଆଯାଇଛି । ଏହା ଜଗନ୍ନାଥ ସଂସ୍କୃତିର ଅପମାନ କରିବା ସଂଗେ ସଂଗେ ଆଦି ଶଙ୍କରାଚାର୍ଯ୍ୟ ପ୍ରତିଷ୍ଠା କରିଥିବା ଚାରିଧାମ ଉପରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି । ଅତୀତରେ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କୁ ମଧ୍ୟ ଅବଗତ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗଳା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏକ ଚିଠି ଲେଖି ଏହାର ବିଚାର କରିବାକୁ ଅନୁରୋଧ କରିଥିଲେ ମଧ୍ୟ ସେ ଏହି ଚିଠି ଉପରେ କୌଣସି ପଦକ୍ଷେପ ନେଇନାହାଁନ୍ତି । ଆଜି ପୁରୀର ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହୋଦୟ ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ପ୍ରଶ୍ନ ଉଠାଇବା ସଂଗେସଂଗେ ଏହା ଧର୍ମ ଓ ସଂସ୍କୃତିର ବିରୁଦ୍ଧାଚରଣ କରୁଛି ଏବଂ ଏହା ପଛରେ ଇସକନ୍‌ର ହାତ ଅଛି ବୋଲି ସେ ସ୍ପଷ୍ଟ ମତ ରଖିଛନ୍ତି । କେନ୍ଦ୍ର ସରକାର ତୁରନ୍ତ ଘଟଣାର ହସ୍ତକ୍ଷେପ କରି ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ହସ୍ତକ୍ଷେପ କରିବା ଉଚିତ୍ ବୋଲି ପୂଜ୍ୟ ଶଙ୍କରାଚାର୍ଯ୍ୟ କହିଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ପୁରୀ ରଥଯାତ୍ରାକୁ ଆସୁଥିବା ମାନ୍ୟବର ଉପରାଷ୍ଟ୍ରପତି ଜଗଦୀପ ଧନ୍‌କଡ଼ଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି । ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ଚିଠି ଲେଖି ମାନ୍ୟବର ଉପରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଦାବି କରିବା ସଂଗେ ସଂଗେ ଦୀଘା ଜଗନ୍ନାଥଧାମ ଦ୍ୱନ୍ଦର ଅବସାନ ଘଟାଇବା ପାଇଁ ଶ୍ରୀଯୁକ୍ତ ଧନ୍‌କଡ଼ଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ପଶ୍ଚିମବଙ୍ଗଳା ସରକାର ଓ ଇସ୍‌କନ୍‌ର ଏହି ପଦକ୍ଷେପ ଓଡ଼ିଶା, ବଙ୍ଗଳା ମଧ୍ୟରେ ଥିବା ହଜାର ବର୍ଷର ସାଂସ୍କୃତିକ ସହନଶୀଳତା ଓ ଭାଇଚାରାକୁ ନଷ୍ଟ କରୁଛି ବୋଲି ଶ୍ରୀ ବେହେରା ଅଭିଯୋଗ କରିଛନ୍ତି । ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ମତକୁ ସମ୍ମାନ ଜଣାଇ କେନ୍ଦ୍ର ସରକାର ତୁରନ୍ତ ଘଟଣାର ସମାଧାନ କରିବାକୁ ଶ୍ରୀ ବେହେରା ଏହି ଚିଠିରେ ମାନ୍ୟବର ଉପରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି ।

# ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ସିବିଆଇ ତଦନ୍ତଦାବି କଲା ବିଜେଡି

ଭୁବନେଶ୍ୱର, ୨୭।୬ (ମହାଭାରତ): ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାସଙ୍କ ଦ୍ୱାରା ଏକ ନାବାଳିକାକୁ ଚାକିରିର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିବା ମାମଲାରେ ଆଜି ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ଏହି ଘଟଣାରେ ସିବିଆଇ ତଦନ୍ତ ଦାବି କରିଛି । ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଓ ପୂର୍ବତନ ସାଂସଦ ଶ୍ରୀମତୀ ରାଜଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଦକ୍ଷିଣାଞ୍ଚଳ ଆଇଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ କୁହାଯାଇଛି, ଭବାନୀ ଶଙ୍କର ଦାସ ବିଜେପିର ଜଣେ ବରିଷ୍ଠ ନେତା ଭାବେ ଭିନ୍ନ ଭିନ୍ନ ପଦବୀରେ କାର୍ଯ୍ୟ କରିଆସୁଛନ୍ତି । ଏହା ପୂର୍ବରୁ ସେ ବ୍ରହ୍ମପୁର ନଗର ବିଜେପି ସଭାପତି, ବିଶ୍ୱ ହିନ୍ଦୁ ପରିଷଦର ଗଞ୍ଜାମ ଜିଲ୍ଲା ସଭାପତି ଏବଂ ବର୍ତ୍ତମାନ ଭାରତୀୟ ମଜଦୁର ସଭାର ସଭାପତି ଅଛନ୍ତି । ଗଞ୍ଜାମ ଜିଲ୍ଲାରେ ଭିନ୍ନ ଭିନ୍ନ ଜାଗାରେ ଭବାନୀ ଶଙ୍କର ଦାସ କ୍ଲିନିକ ଚଳାଇ ଆସୁଛନ୍ତି । ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକାଙ୍କୁ ନର୍ସ ଚାକିରି ଦେବା ପ୍ରଲୋଭନ ଦେଖାଇ ତାଙ୍କ କ୍ଲିନିକରେ ରଖି ନିଶା ଔଷଧ ଦେଇ ଦୁଷ୍କର୍ମ କରିଥିଲେ । ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ନକଲି ଡାକ୍ତର ଭବାନୀ ଶଙ୍କର ଦାସଙ୍କୁ ଗିରଫ କରାଯାଇଛି । ଯେହେତୁ ଶ୍ରୀ ଦାସଙ୍କ ଗଞ୍ଜାମ ଜିଲ୍ଲାର ୨ ମନ୍ତ୍ରୀ ଏବଂ ଶାସକ ଦଳର ଅନେକ କ୍ଷମତାଶାଳୀ ବ୍ୟକ୍ତିଙ୍କ ସହ ସମ୍ପର୍କ ଥିବାର ଫଟୋ ପ୍ରକାଶିତ ହୋଇଛି, ତେଣୁ ଏହି ମାମଲାର ସିବିଆଇ ତଦନ୍ତ ହେଲେ ଅନେକ ତଥ୍ୟ ପଦାକୁ ଆସିବ । ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ବିଧାୟକ ଡ଼ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ଶ୍ରୀମତୀ ସଙ୍ଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡି, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ଶ୍ରୀ ସୁବାସ ବେହେରା, ଜିଲ୍ଲାପରିଷଦ ଅଧକ୍ଷା ଶ୍ରୀମତୀ ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଶ୍ରୀମତୀ ରାଜେଶ୍ୱରୀ ଦୋରା, ପ୍ରମୋଦ ମହାରଣା ଏବଂ ସମସ୍ତ କର୍ପୋରେଟର ସାମିଲ ଥିଲେ ।

# ଭାରତରେ ୨୦୨୯ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୬ (ପିଆଇବି):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ୨୦୨୯ ମସିହାର ସମ୍ମାନଜନକ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବେ ଭାରତ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରି ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି । ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଏହା ପ୍ରତ୍ୟେକ ନାଗରିକଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ, କାରଣ ଭାରତକୁ ସମ୍ମାନଜନକ ୨୦୨୯ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବରେ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସମ୍ମାନଜନକ ନିଲାମ ଡାକ ଭାରତ ଜିତିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ନିର୍ମିତ ଆମର ବିଶାଳ କ୍ରୀଡ଼ା ଭିତ୍ତିଭୂମିର ଏକ ବିଶ୍ୱସ୍ତରୀୟ ସ୍ୱୀକୃତି। ୫୦ ରୁ ଅଧିକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପୋଲିସ୍, ଅଗ୍ନିଶମ ଏବଂ ବିପର୍ଯ୍ୟୟ ମୁକାବିଲା ସେବାକୁ ଏକତ୍ର କରୁଥିବା କାର୍ଯ୍ୟକ୍ରମର ସ୍ଥାନ ଭାବରେ ଅହମ୍ମଦାବାଦ ଚୟନ ହେବା ଏକ କ୍ରୀଡା ଗନ୍ତବ୍ୟସ୍ଥଳ ଭାବରେ ବୃଦ୍ଧି ପାଉଥିବା ଭିତ୍ତିଭୂମିର ପ୍ରମାଣ।

୧୯୮୫ ମସିହାରୁ ପ୍ରତି ଦୁଇ ବର୍ଷରେ ଥରେ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ାର ଆୟୋଜନ କରାଯାଉଛି। ଖେଳ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଏହାର ୨୦ଟି ସଂସ୍କରଣ ଅନୁଷ୍ଠିତ ହୋଇଛି (ଆମେରିକା-୮ ଥର, କାନାଡା-୫ ଥର, ୟୁରୋପ-୪ ଥର, ବ୍ରିଟେନ-୨ ଥର ଏବଂ ଚୀନ୍-ଥରେ)। ଏହି ଖେଳଗୁଡିକ ପୋଲିସ୍/ଅଗ୍ନିଶମ/ଚିକିତ୍ସା/ଜରୁରୀକାଳୀନ/ବିପର୍ଯ୍ୟୟ ସେବାର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ କର୍ମଚାରୀ ଏବଂ ପ୍ରଥମ ପ୍ରତିକ୍ରିୟାଶୀଳଙ୍କ ପାଇଁ ଉନ୍ମୁକ୍ତ । ଭାରତୀୟ ପୋଲିସ୍ ଦଳ ପ୍ରଥମେ ୨୦୦୭ ରେ ଆଡିଲେଡ୍ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡାରେ ଏହି ଖେଳରେ ଅଂଶଗ୍ରହଣ କରିଥିଲେ। ଶେଷ (୨୦ ତମ ସଂସ୍କରଣ) ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ଜୁଲାଇ ୨୬ ରୁ ଅଗଷ୍ଟ ୬, ୨୦୨୩ ମଧ୍ୟରେ କାନାଡାର ୱିନିପେଗରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୧୩୩ ଜଣ ଭାରତୀୟ ପୋଲିସ କ୍ରୀଡ଼ାବିତ୍ ରେକର୍ଡ ୩୪୩ ପଦକ (ସ୍ୱର୍ଣ୍ଣ-୨୨୪, ରୌପ୍ୟ-୮୨, ବ୍ରୋଞ୍ଜ-୩୭) ଜିତିଥିଲେ। ୨୦୦୭ ରେ ଅଂଶଗ୍ରହଣ କରିବା ପରଠାରୁ, ଭାରତୀୟ ପୋଲିସ ଦଳ ଖେଳର ୮ ଟି ସଂସ୍କରଣରେ ୧୪୦୦ ରୁ ଅଧିକ ପଦକ ଜିତିଛନ୍ତି। ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଭାରତୀୟ ଦଳ ସେହି ବର୍ଷ ଅନୁଷ୍ଠିତ ବାର୍ଷିକ ଅଖିଳ ଭାରତୀୟ ପୋଲିସ୍ କ୍ରୀଡାରେ ଖେଳାଳିଙ୍କ ପ୍ରଦର୍ଶନ ଆଧାରରେ ଚୟନ କରାଯାଏ। ଦେଶରେ ପୋଲିସ୍ କ୍ରୀଡ଼ାର ଆୟୋଜନ ପାଇଁ ପରିଚାଳନା ସଂସ୍ଥା ଅଖିଳ ଭାରତୀୟ ପୋଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡ, ଯେଉଁଥିରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ (ସିଏପିଏଫ), ରାଜ୍ୟ ପୋଲିସ୍ ବାହିନୀ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକର ୫୩ ଜଣ ସଦସ୍ୟ ସଂଗଠନ ଅଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୩ ଗିରଫ

ଭୁବନେଶ୍ୱର, ,୨୭।୬ (ମହାଭାରତ): ରାଜଧାନୀରେ ଏକ ବଡ଼ ଧରଣର ଡକାୟତି ଯୋଜନା ପଣ୍ଡ କରିଛି କମିଶନରେଟ୍ ପୋଲିସ୍। ଏସମ୍ପର୍କରେ ସୂଚନା ଦେଇ ପୋଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି ଭରତପୁର ଅଂଚଳରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବେଳେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ବୋଲେରୋ ଗାଡି, ୨ ଟି ବନ୍ଧୁକ, ୬ ଟି ଅଫୁଟା ଗୁଳି, ଖଣ୍ଡା, ଭୁଜାଲି, କଟୁରି ଜବତ କରାଯାଇଛି। ଏହାସହ ସୁନା ଚେନ, ୮ ହଜାର ଟଙ୍କା ସହ ୪ ମୋବାଇଲ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଙ୍କ ନାଁ ରେ ଏକାଧିକ ମାମଲା ରହିଛି ।ଭରତପୁର ଅଂଚଳର ସାଁପୁର ଏରିଆରେ ଏକ ପେଟ୍ରୋଲ ପମ୍ପରୁ ଲୁଟିବା ପାଇଁ ପ୍ଲାନ କରିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ରାଜ ନଗର କେନ୍ଦ୍ରାପଡ଼ାର ଦୀପ୍ତି ରଞ୍ଜନ ଜେନା ଓ ପ୍ରବୀର ସ୍ୱାଇଁ ଏବଂ ନିଆଳି, କଟକର ଆଶିଷ ରଞ୍ଜନ ଦାଶ। ଏହି ଘଟଣାରେ ଦୁଇଜଣ ଫେରାର ଅଛନ୍ତି।

# ଶୈଳଶ୍ରୀବିହାରରେ ଘୋଷଯାତ୍ରା



ଭୁବନେଶ୍ୱର, ୨୭।୬ (ମହାଭାରତ): ଶୈଳଶ୍ରୀବିହାର ଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ଭକ୍ତି ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ରଥଯାତ୍ରା ପୂର୍ବ ନିର୍ଦ୍ଧାରିତ ନୀତି ନିଘଣ୍ଟ ଅନୁସାରେ ଆରମ୍ଭ ହୋଇଥିଲା। ଗତକାଲି ନେତ୍ରୋତ୍ସବ, ମଙ୍ଗଳ ଆଳତୀ, ନବଯୌବନ ଦର୍ଶନ, ମଇଲମ, ଅବକାଶ, ପ୍ରାତଃ ଆଳତୀ ହୋଇଥିଲା ବେଳେ ଆଜି ସୂର୍ଯ୍ୟପୂଜା, ଖେଚୁଡି ଭୋଗ ଲାଗି ହେବା ପରେ ସାଢେ ଦଶଟାରେ ରଥ ପ୍ରତିଷ୍ଠା କରାଯାଇଥିଲା। ମଧ୍ୟାହ୍ନ ୧୨ ଟା ୧୦ରେ ଶ୍ରୀଜୀଉମାନଙ୍କୁ ବିରାଟ ପଟୁଆରରେ ପହଣ୍ଡି କରାଯାଇ ରଥ ଉପରକୁ ନିଆଯାଇଥିଲା।

ଅପରାହ୍ନ ୩ ଟାରେ ଭୁବନେଶ୍ୱର ରାମକୃଷ୍ଣ ମଠର ମହାରାଜା ଛେରାପହଁରା କରିଥିଲେ। ୪ ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିର ଠାରୁ ନୀଳାଦ୍ରିବିହାର ମଙ୍ଗଳା ମନ୍ଦିର ଛକ ପର୍ଯ୍ୟ‘ ବଡଦାଣ୍ଡ ଲୋକାରଣ୍ୟ ହୋଇଯାଇଥିଲା। ଘଣ୍ଟ, ସଂକୀର୍ତ୍ତନ, ନୃତ୍ୟ, ହରିବୋଲ ଓ ହୁଳହୁଳିରେ ବଡଦାଣ୍ଡ ପ୍ରକମ୍ପିତ ହେଉଥିଲା। ପ୍ରବଳ ଜନସମାଗମ ହେତୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦହିପଣା ଓ ଓଆରଏସ ପାଣି ବଣ୍ଟନ କରାଯାଇଥିଲା। ଭକ୍ତମାନେ ଆନନ୍ଦ ଉତ୍ସାହର ସହିତ ରଥ ଟାଣି ଟାଣି ନେଇ ମାଉସୀ ମା ମନ୍ଦିର ନିକଟସ୍ଥ ମଙ୍ଗଳା ମନ୍ଦିର ଛକରେ ପହଞ୍ଚାଇ ଥିଲେ। ସେଠାରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇ ପହଣ୍ଡି ବିଜେ କରିଥିଲେ।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶା‘ କୁମାର ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ଯଶୋଧାରା ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ମୁଖ୍ୟ ଟ୍ରଷ୍ଟି ହେମ‘ କୁମାର ମହାପାତ୍ର, ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକ ଓ ଟ୍ରଷ୍ଟର କର୍ମକର୍ତ୍ତା। ଉତ୍ସବକୁ ପରିଚାଳନା କରିଥିଲାବେଳେ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀମାନେ ସହଯୋଗ କରିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଶୈଳଶ୍ରୀବିହାର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

# ହସ୍ପିଟାଲ ବେଡ଼ରୁ ନବୀନ ଦେଖିଲେ ରଥଯାତ୍ରା

**ଭୁବନେଶ୍ୱର, ୨୭।୬ (ମହାଭାରତ) :** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ମୁମ୍ବାଇର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଗତ ୨୨ ତାରିଖ ଠାରୁ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିବା ବେଳେ ସେ ଏବେ ଧୀରେଧୀରେ ସୁସ୍ଥ ହେଉଛନ୍ତି। ପବିତ୍ର ରଥଯାତ୍ରା ଅବସରରେ ସେ ଆଜି ମୁମ୍ବାଇର ଘରୋଇ ଡାକ୍ତରଖାନାରେ ଥିବା ମେଡିକାଲ ବେଡରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିଛନ୍ତି। ସେ ରଥଯାତ୍ରା ଦେଖୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। ସୋସିଆଲ ମିଡିଆ। 'ଇନ୍‌ଷ୍ଟାଗ୍ରମା'ରେ ଏହି ଭିଡିଓକୁ ଭେରବ କାର୍ତ୍ତିକ ପାଣ୍ଡିଆନ ଶେୟାର କରିଛନ୍ତ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଭିଡିଓ ଜାରି କରି ଗତକାଲି କହିଥିଲେ, ଜୟ ଜଗନ୍ନାଥ, ଏବଂ ସମସ୍ତଙ୍କୁ ଏହି ପବିତ୍ର ଉତ୍ସବରେ ଆନନ୍ଦ ଓ ସମୃଦ୍ଧି କାମନା କରୁଛି। ନବୀନଙ୍କ ଏହି ଶୁଭେଚ୍ଛା ବାର୍ତ୍ତା ତାଙ୍କ ସୁସ୍ଥତାର ସୂଚନା ଦେବା ସହ ଲୋକଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି।

ନବୀନ ପଟ୍ଟନାୟକ ଗତ ୨୦ ତାରିଖ ଦିନ ମୁମ୍ବାଇ ଗସ୍ତ କରିଥିଲେ। ସେଠାରେ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ସର୍ଭିକାଲ ଆର୍ଥ୍ରାଇଟିସର ଅସ୍ତ୍ରୋପଚାର କରିଥିଲେ। ଜୁନ ୨୨ରେ ତାଙ୍କର ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଥିଲା ଏବଂ ସେ ବର୍ତ୍ତମାନ ଆଇସିୟୁରୁ ଏକ ବ୍ୟକ୍ତିଗତ କକ୍ଷକୁ ସ୍ଥାନାନ୍ତରିତ ହୋଇଛନ୍ତି। ସେ ଏବେ ଟିଭିରେ ଜଗନ୍ନାଥଙ୍କ ରଥଯାତ୍ରା ଦେଖିତିବାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାର ସଂକେତ ଦେଉଛି।



# ସବୁଜ ଓଡ଼ିଶା ଗଢ଼ି ତୋଳିବା ପାଇଁ ବ୍ୟାପକ ଚାରାରୋପଣ ଜରୁରୀ



ଭୁବନେଶ୍ୱର, ୨୭/୬ (ମହାଭାରତ) : ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନସଂଘର ପ୍ରତିଷ୍ଠାତା ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନକୁ ସ୍ମରଣୀୟ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଆହ୍ୱାନକ୍ରମେ ଓଡ଼ିଶାରେ ବ୍ୟାପକ ବୃକ୍ଷ ଚାରାରୋପଣ କରିବାକୁ ବିଜେପି କୃଷକ ମୋର୍ଚ୍ଚା ଲକ୍ଷ୍ୟ ରଖିଛି। ଏନେଇ ଅଗଷ୍ଟ ୧୫ ସୁଦ୍ଧା ଓଡ଼ିଶାର ସବୁ ଗ୍ରାମରେ ୧୦ ଲକ୍ଷ ବୃକ୍ଷ ଚାରାରୋପଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜଗତରନାଥ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ନେତ୍ର ଉତ୍ସବ ଅବସରରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲାର ସରଦେଇପୁର ଦୋଳ ମେଳଣ ପଡିଆଠାରେ ଆଜି ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଥିରେ ଯୋଗଦେଇ ବୃକ୍ଷ ଚାରା ରୋପଣ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଏହାର ନେତୃତ୍ୱ ନେଇ ସବୁଜ ଓଡ଼ିଶା ଗଢ଼ି ତୋଳିବା ପାଇଁ ବ୍ୟାପକ ଚାରାରୋପଣ ଜରୁରୀ ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ଶ୍ରୀ ଗୋଲକ ମହାପାତ୍ର, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଉପେନ୍ଦ୍ର ଭ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ପୁଲିନ୍ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଶ୍ରୀ ମନିସା ଚିନ୍ମୟୀ ବେହେରା, ପ୍ରୀତୀପ୍ରତିଭା ଭୋଳ, ଅମିତା କର, କୋଷାଧ୍ୟକ୍ଷ ଶ୍ରୀ ବିଶ୍ୱଜିତ ସ୍ୱାଇଁ, ରାଜ୍ୟ ସମ୍ପାଦକ ଅଶୋକ କୁମାର ରଥ, ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସୁଦର୍ଶନ ବିଶ୍ୱାଳ, ସନ୍ତୋଷ କୁମାର ସ୍ୱାଇଁ, ପ୍ରଭାତ କୁମାର ସ୍ୱାଇଁ, ବସନ୍ତ କୁମାର ନାୟକ, ଅଜୟ କୁମାର ପ୍ରଧାନ, ଅଜୟ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫ ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

ସାରା ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ଏକ ରାଜ୍ୟସ୍ତରୀୟ ବୃକ୍ଷ ଚାରା ରୋପଣ କମିଟି ଗଠନ କରାଯାଇଛି। ଏଥିସହ ୩୬ ସାଙ୍ଗଠନିକ ଜିଲ୍ଲା ପାଇଁ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି। ଜିଲ୍ଲାସ୍ତରୀୟ କମିଟିରେ ୩ ଜଣ ଲେଖାଏଁ ସଦସ୍ୟ ରହିବେ ବୋଲି ନିଷ୍ପତି ହୋଇଛି। ଏହି କମିଟି ଆଗାମୀ ଦିନରେ ଓଡ଼ିଶାର ସମସ୍ତ ଗ୍ରାମରେ ବ୍ୟାପକ ଚାରାରୋପଣ କରିବ ବୋଲି ଶ୍ରୀ ସାହୁ କହିଛନ୍ତି।

# ଶ୍ରୀବାଣୀ କ୍ଷେତ୍ରରେ ଘୋଷଯାତ୍ରା



ଭୁବନେଶ୍ୱର, ୨୭।୬ (ମହାଭାରତ) : ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ଆଜି ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସଂପନ୍ନ ହେବା ପରେ କିଟ୍ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା।

ଅପରାହ୍ନ ୪ଟା ସମୟରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ। ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୫୦ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ। ରଥଯାତ୍ରାରେ ମଧ୍ୟ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିନ୍ଧାଣୀ, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି। ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ। ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ୍ୟ ମହାପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ। ନବଦିନ ବ୍ୟାପୀ ପ୍ରତିସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବା ସହ ମୀନାବଜାରର ବ୍ୟବସ୍ଥା କରାଯାଇଛି। ଏହି ନଅ ଦିନ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରରେ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ।

# ଯୋଜନା ଓ ଅଫିସର

ଭାରତ ପରି ଏକ ଜନମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ କରିଥିବାବେଳେ ସେଗୁଡିକ ସମ୍ପର୍କରେ ଉଭୟ ସରକାରୀ ଅଧିକାରୀ ଏବଂ ଲୋକଙ୍କୁ ଜଣାନଥିବା ବିଡମ୍ବନା ବ୍ୟତୀତ ଆଉ କିଛି ନୁହେଁ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଖୋଦ୍ ରାଜ୍ୟପାଳ ହରିବାବୁ କମ୍ଭମପତି ଏହା ପ୍ରକାଶ କରିବା ସହ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟପାଳଙ୍କ ଉଦବେଗ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ରାଜ୍ୟପାଳ କହିଛନ୍ତି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟସରକାର ବହୁ ସାମାଜିକ ନିରାପତା ଯୋଜନା ସମ୍ପର୍କରେ ମାତ୍ର ୫ ପ୍ରତିଶତ ଲୋକଙ୍କୁ ଜଣାଥିବାବେଳେ ୯୫ପ୍ରତିଶତ ଲୋକ କିଛି ଜାଣନ୍ତି ନାହିଁ। କେବଳ ଏତିକି ନୁହେଁ, ଯେଉଁ ୫ପ୍ରତିଶତ ଲୋକ ଯୋଜନା ସମ୍ପର୍କରେ ଅବଗତ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସାଂପ୍ରତିକ ଡିଜିଟାଲ ବିଦ୍ୟା ଉପରେ ଧାରଣା ନଥିବାରୁ ଯୋଜନାର ସୁଫଳରୁ ବଂଚିତ ହେଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହି ଯୋଜନାଗୁଡିକ ମଧ୍ୟରୁ ଅନେକ ଯୋଜନା ଗରିବ, ଦୁର୍ବଳ ଏବଂ ସମାଜରେ ଅବହେଳିତ ଶ୍ରେଣୀର ଲୋକଙ୍କୁ ଆର୍ଥୀକ ସୁରକ୍ଷା ପ୍ରଦାନ ଓ କଲ୍ୟାଣମୂଳକ ଲାଭ ପହଁଚାଇବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏହାର ସଫଳ କାର୍ଯ୍ୟକାରିତା ଅଭାବରୁ ଯୋଜନାଗୁଡିକ କେବଳ କାଗଜପତ୍ର ଏବଂ ଘୋଷଣା ମଧ୍ୟରେ ସୀମିତ ରହିବା ସାର ହୋଇଛି। ରାଜ୍ୟପାଳ ମଧ ଯେଉଁ ଯୋଜନାଗୁଡିକ ସମ୍ପର୍କରେ ଅବତାରଣା କରିଛନ୍ତି, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଓ ଅଟଳ ପେନ୍‌ସନ୍ ଯୋଜନା କେବଳ ଘରର ମୁଖିଆ ନୁହଁନ୍ତି, ପରିବାରର ସମସ୍ତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏଥିଲାଗି ବର୍ଷକୁ ମାତ୍ର ୨୦ଟଙ୍କା ପ୍ରିମିୟମ ଦେବାକୁ ପଡିଥାଏ। କିଏ ବା ଏହି ପ୍ରିମିୟମ ଦେଇନପାରିବ ? ଉଲ୍ଲେଖଯୋଗ୍ୟ ଲୋକଙ୍କ ହିତ ପାଇଁ କେନ୍ଦ୍ର ସରକାର ସାମାଜିକ ନିରାପତା ପାଇଁ ବୀମା ଯୋଜନା, କନ୍ୟା ସମୃଦ୍ଧି ଯୋଜନା ଠାରୁ ଆରମ୍ଭ କରି ଦାରିଦ୍ର୍ୟ ଦୂରିକରଣ ପର୍ଯ୍ୟନ୍ତ ପ୍ରାୟ ଶତାଧିକ ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନାଗୁଡିକର ଲକ୍ଷ୍ୟ ହେଉଛି ଲୋକଙ୍କ ହିତ ସାଧନ। ଦେଶରେ ଦାରିଦ୍ର୍ୟ ଦୂରିକରଣ ଯୋଜନାର ସଫଳତା ଯୋଗୁଁ ଗତ ୧୧ବର୍ଷ ମଧ୍ୟରେ ୨୭କୋଟି ଭାରତୀୟ ଅତି ଦାରିଦ୍ର୍ୟରୁ ମୁକୁଳିଥିବାବେଳେ ଦାରିଦ୍ର୍ୟ ହାର ୨୭.୧ ପ୍ରତିଶତରୁ ୫.୩ ପ୍ରତିଶତକୁ ହ୍ରାସ ପାଇଥିବା ଜାତିସଂଘ ରିପୋର୍ଟ କହେ। କହିବା ବାହୁଲ୍ୟ ଯେ, ଦେଶ ସ୍ୱାଧୀନ ହେବା ପରଠାରୁ ଲୋକଙ୍କ ହିତ ପାଇଁ ବିଭିନ୍ନ ସରକାର ବିଭିନ୍ନ ସମୟରେ ଯୋଜନାମାନ ପ୍ରଣୟନ କରିଛନ୍ତି। ଯାହାର ସଂଖ୍ୟା ଏବେ ସୀମାହୀନ ବା ଅସୀମ। ଯଦି ଏହି ଯୋଜନାଗୁଡିକ ସଠିକ ଭାବେ କାର୍ଯ୍ୟକାରୀ ହୋଇଥାନ୍ତା, ତେବେ ବିଶ୍ୱରେ ଭାରତ ଏକ ସମୃଦ୍ଧଶାଳୀ ରାଷ୍ଟ୍ର ଭାବେ ଉଭା ହୋଇଥାନ୍ତା। ମାତ୍ର ସଚେତନତା ଓ ଇଚ୍ଛାଶକ୍ତି ଅଭାବରୁ ଯୋଜନାଗୁଡିକ କେବଳ କାଗଜପତ୍ରରେ ସୀମିତ ହୋଇରହିଯାଇଛି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ହେଉଛି ସରକାରୀ କଳର, ପ୍ରଶାସନିକ ଅଧିକାରୀଙ୍କର। କିନ୍ତୁ ଖୋଦ୍ ସରକାରୀ ଅଫିସରମାନେ ଯୋଜନା ସମ୍ପର୍କରେ ଅଜ୍ଞ। ତେଣୁ ଏହାର କାର୍ଯ୍ୟକାରିତା ହେବ କିପରି । ଯେଉଁଠି ସରକାରୀ ଅଧିକାରୀ ଅଜ୍ଞ, ସେଠାରେ ଲୋକଙ୍କୁ ଅବଗତ କରିବ କିଏ ? ଏଇଥିପାଇଁ ବୋଧହୁଏ, ଆମ ଦେଶରେ ଯୋଜନାଗୁଡିକ ବିଫଳତାର ପାହାଚରେ ପରିଣତ ହୋଇଛି ବୋଲି କହିଲେ ଅତିରଂଜିତ ହେବ ନାହିଁ। ଆମ ଦେଶରେ ଏବେ ସଭା, ସମିତିରେ, ମେଳା, ମହୋତ୍ସବରେ ଯୋଜନାଗୁଡିକର ଉନ୍ମୋଚନ ଏକ ପରମ୍ପରାରେ ପରିଣତ ହୋଇଛି। ଗଣମାଧ୍ୟମରେ ବିଜ୍ଞାପନ ଦେଇ ନିଜ କର୍ତବ୍ୟ ସାରି ଦେଉଛନ୍ତି। ବିଜ୍ଞାପନ ହେଉ ବା ସଭାସମିତି ହେଉ, ଯୋଜନା ଲୋକଙ୍କ ନିକଟରେ ପହଁଚେ ନାହିଁ କି ଲୋକେ ଏହାର ସୁଫଳ ପାଆନ୍ତି ନାହିଁ। ଏଥିପାଇଁ ଅମଲାତନ୍ତ୍ରକୁ ତାଲିମ ଦେବାକୁ ହେବ। ଲୋକଙ୍କୁ ଯୋଜନାର ଉପକାରିତା ସମ୍ପର୍କରେ ସଚେତନ କରିବାକୁ ହେବ। ଆହୁରି ମଧ ଯୋଜନା ଲୋକଙ୍କ ନିକଟରେ ପହଁଚାଇବା ପାଇଁ ସରକାରଙ୍କର ଦୃଢ ଇଚ୍ଛାଶକ୍ତି ଏବଂ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଉତରଦାୟୀ କରିବା, ଏବଂ ଉତ୍ସର୍ଗୀକୃତ ମନୋଭାବର ଆବଶ୍ୟକତା ରହିଛି। ଯାହାକି ଶତ ପ୍ରତିଶତ ଲୋକଙ୍କ ନିକଟରେ ଯୋଜନା ପହଁଚିପାରିବ ବୋଲି ଆଶା କରିବା। ଅନ୍ୟଥା ଯୋଜନା କେବଳ ଘୋଷଣା ଓ କାଗଜପତ୍ରରେ ରହିବା ସାର ହେବ।

# ରଥ ପ୍ରତିଷ୍ଠା ଓ ଚତୁର୍ଦ୍ଧା ବିଗ୍ରହଙ୍କ ତିନିରଥ

**ଡକ୍ଟର ତପନ କୁମାର ପାଳ**

ରଥଯାତ୍ରା ଦିନ ମହାପ୍ରଭୁଙ୍କର ପ୍ରଥମ ନୀତି ହେଉଛି ରଥ ପ୍ରତିଷ୍ଠା। ପ୍ରଥମେ ସ୍ନାନ ମଣ୍ଡପ ପାଖରେ ଥିବା ରଥ ପ୍ରତିଷ୍ଠା ମଣ୍ଡପରେ ତିନିରଥର ପ୍ରତୀକଭାବେ କାଠରେ ତିଆରି ହୋଇଥିବା ତିନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଏ। ବଳଭଦ୍ରଙ୍କ ରଥର ପ୍ରତୀକ ଭାବେ ନୃସିଂହ, ଜଗନ୍ନାଥଙ୍କ ରଥର ପ୍ରତୀକ ଭାବେ ହନୁମାନ ଓ ମାତା ସୁଭଦ୍ରାଙ୍କ ପ୍ରତୀକ ଭାବେ ଭୁବନେଶ୍ୱରୀଙ୍କୁ ହିଁ ରଥ ମଣ୍ଡପରେ ପୂଜାର୍ଚ୍ଚନା କରାଯାଏ। ଏହି ସମୟରେ ଶ୍ରୀମନ୍ଦିର ପୁରୋହିତ, ରାଜାଙ୍କ ପ୍ରତିନିଧି ସ୍ୱରୂପ ରାଜଗୁରୁ ଓ ଶାସନୀ ବ୍ରାହ୍ମଣଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ହୋଇଥାଏ। ବନଜାଗ ପଦ୍ଧତିରେ ଏଠାରେ ପୂଜାର୍ଚ୍ଚନା ହୋଇ ନୃସିଂହଙ୍କୁ ଆହୁତି ଦିଆଯାଏ। ତାପରେ ଘଣ୍ଟି ଛତ୍ରୀ କାହାଣୀ ପଟୁଆରରେ ରଥକୁ ଆସନ୍ତି। ସଂସ୍କାର ଜଳକୁ ରଥରେ ସିଞ୍ଚନ କରି ଏହି ତିନି ମୂର୍ତ୍ତୀକୁ ରଥର ଚୂଡ଼ା ଦେଶରେ କୋଠ ସୁଆଁସିଆ ସେବକମାନେ ସ୍ଥାପନ କରିଥାନ୍ତି। ଏହିପରି ରଥ ପ୍ରତିଷ୍ଠା ହେବା ପରେ ହିଁ ମହାପ୍ରଭୁଙ୍କର ପହଣ୍ଡି କାର୍ଯ୍ୟକ୍ରମ ହୋଇଥାଏ।

ପଞ୍ଚଦେବତାଙ୍କୁ ପୂଜା – ରାଣୀଙ୍କ ପାଇଁ ଆସେ ପ୍ରସାଦ ମାଳା : ଛେରାପହଁରା ନୀତି କରିବା ପାଇଁ ମହାରାଜା ଗଜପତି ରଥଯାତ୍ରା ଦିନ ସକାଳୁ ଉପବାସରେ ରହିଥାନ୍ତି। ସେଦିନ ପ୍ରଥମେ ରାଜଗୁରୁ ରାଜାଙ୍କୁ ପଇତାଲାଗି କରାନ୍ତି। ଏହାପରେ ରାଜା ପଞ୍ଚଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ରାଜନଅରରେ ଥିବା କନକଦୁର୍ଗା ମନ୍ଦିରରେ ରାଜଗୁରୁଙ୍କ ଉପସ୍ଥିତିରେ ରାଜା ଏହି ପୂଜା କରନ୍ତି। ମଙ୍ଗଳାର୍ପଣ କରି ପୁଷ୍ପାଞ୍ଜଳୀ ଦେଇ ରାଜା ଛେରାପହଁରା ନୀତି ପାଇଁ ଅପେକ୍ଷା କରି ରହିଥାନ୍ତି। ସେପଟେ ରଥ ପ୍ରତିଷ୍ଠା ହୋଇ ରଥ ଉପରେ ମହାପ୍ରଭୁ ବିଜେ କରି ବେଶ ହେଲାପରେ ରାଜାଙ୍କ ପାଖକୁ ଖବର ଆସେ। ମନ୍ଦିରରୁ ବଜନ୍ତି କାହାଳିଆମାନେ ପଟୁଆରରେ ଯାଇ ରାଜାଙ୍କୁ ଛେରାପହଁରା ପାଇଁ ନିମନ୍ତ୍ରଣ କରିଥାନ୍ତି। ଛେରାପହଁରା ସେବା ନିମନ୍ତେ ରାଜାଙ୍କ ପାଇଁ ନଅରର ଦର୍ଜୀ ସ୍ୱତନ୍ତ୍ର ଭାବେ ଏକ ପ୍ରକାରର ଧଳା ପୋଷାକ କରିଥାନ୍ତି। ସେହି ପୋଷାକ ପିନ୍ଧି ରାଜା ବେଶ ହେଲାପରେ ଛେରାପହଁରା ନୀତି ପାଇଁ ତାନ୍‌ଜାନରେ ବାହାରନ୍ତି। ରଥ ଉପରେ ରାଜାଙ୍କ ସହ ରାଜଗୁରୁ, ବେହେରା କରଣ, ନଅରର ଜ୍ୟୋତିଷ ଓ ପୁଷ୍ପାଳକ ଉପସ୍ଥିତ ରହିଥାନ୍ତି। ରଥରେ ଚନ୍ଦନ ପାଣିର ଛିଟା (ଛେରା) ଓ ପୁଷ୍ପାଳକ ଫୁଲ ସହିତ ଶିଖିଳା ଗୁଣ୍ଡ ଚନ୍ଦନ ପକାଇଥାନ୍ତି। ରାଜା ଏହାକୁ ଛେରାପହଁରା କରିଥାନ୍ତି। ପ୍ରତି ରଥରେ ତିନିଘେରା ଲେଖାଏଁ ଛେରାପହଁରା କରି ନୀତି ସମାପନ କରିଥାନ୍ତି। ଶେଷରେ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରି ରାଜା ନଅର ଅଭିମୁଖେ ବାହାରନ୍ତି। ତେବେ ଛେରା ପହଁରା ସରିଲେ ରଥ ଉପରେ ରାଜାଙ୍କୁ ଏକ ପ୍ରସାଦମାଳ ଓ ଶ୍ରୀକପଡ଼ା (ଅଙ୍ଗଲାଗି ବସ୍ତ୍ର) ଦିଆଯାଏ। ସେହିପରି ଆଉ ଏକ ପ୍ରସାଦମାଳ ଓ ଶ୍ରୀକପଡ଼ା ରାଣୀଙ୍କ ପାଇଁ ମଧ୍ୟ ଦିଆଯାଏ।

ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପରମବ୍ରହ୍ମ ପରମାତ୍ମା ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ। ଶ୍ରୀମନ୍ଦିରରେ ବିରାଜମାନ କରି ମହାପ୍ରଭୁ ଭକ୍ତଙ୍କ ସହିତ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବରେ ଲୀଳାଖେଳା କରିଥାନ୍ତି। ମାନବଲୀଳା କରୁଥିବା ଦାରୁବିଗ୍ରହ ଏହି ସମୟରେ ଭିନ୍ନ ଭିନ୍ନ ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ରତ୍ନସିଂହାସନ ଛାଡ଼ି ବର୍ଷକୁ ଥରେ ପ୍ରଭୁ ସୁଦର୍ଶନ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ତିନିରଥରେ ବସି ଚତୁର୍ଦ୍ଧା ବିଗ୍ରହ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦିଅନ୍ତି।

ସାଧାରଣତଃ ରଥ ତିନୋଟିର ଭିନ୍ନ ଭିନ୍ନ ନାମ ରହିଛି। ଶ୍ରୀବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ, ଲଙ୍ଗଳ ଧ୍ୱଜ ବା ହଳଧ୍ୱଜ। ସେହିପରି ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ, ଚକ୍ରଧ୍ୱଜ ବା ଗରୁଡ଼ ଧ୍ୱଜ। ଦେବୀ ସୁଭଦ୍ରାଙ୍କ ରଥର ନାମ ଦର୍ପଦଳନ, ପଦ୍ମଧ୍ୱଜ ବା କମଳଧ୍ୱଜ। ତାଳଧ୍ୱଜ ରଥରେ ବ୍ୟବହୃତ କାଠର ସଂଖ୍ୟା ୭୩୧ ଖଣ୍ଡ। ନନ୍ଦିଘୋଷ ୭୪୨ ଏବଂ ଦର୍ପଦଳନ ରଥରେ ବ୍ୟବହୃତ କାଠର ସଂଖ୍ୟା ୭୧୧ ଖଣ୍ଡ। ତାଳଧ୍ୱଜ ରଥର ଉଚ୍ଚତା ୪୫ ଫୁଟ, ନନ୍ଦିଘୋଷ ୪୫ ଫୁଟ ୬ଇଞ୍ଚ ଏବଂ ଦର୍ପଦଳନ ରଥର ଉଚ୍ଚତା ୪୪ଫୁଟ ଇଞ୍ଚ। ତାଳଧ୍ୱଜ ରଥର ଚକ ସଂଖ୍ୟା ୧୪, ନନ୍ଦିଘୋଷ ୧୬ ଓ ଦର୍ପଦଳନର ଚକ ସଂଖ୍ୟା ୧୨। ତାଳଧ୍ୱଜ ରଥର ଅଧୀଶ୍ୱର ଦେବତା ଶ୍ରୀବଳଭଦ୍ର, ଚଳନ୍ତି ପ୍ରତିମା ରାମ ଓ କୃଷ୍ଣ। ନନ୍ଦିଘୋଷ ରଥର ଅଧିଶ୍ୱର ଦେବତା ଶ୍ରୀଜଗନ୍ନାଥ ଓ ଚଳନ୍ତି ପ୍ରତିମା ମଦନମୋହନ। ଦର୍ପଦଳନ ରଥର ଅଧୀଶ୍ୱର ଦେବତା ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ। ତାଳଧ୍ୱଜ ରଥ ସାରଥିଙ୍କ ନାମ ମାତଳୀ, ନନ୍ଦିଘୋଷ ରଥ ସାରଥିଙ୍କ ନାମ ଦାରୁକ ଓ ଦର୍ପଦଳନ ରଥ ସାରଥିର ନାମ ଅର୍ଜୁନ। ତାଳଧ୍ୱଜ ରଥ ଦଉଡିର ନାମ ବାସୁକୀ, ନନ୍ଦିଘୋଷର ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ ଓ ଦେବୀ ସୁଭଦ୍ରାଙ୍କ ରଥ ଦଉଡିର ନାମ ସ୍ୱର୍ଣ୍ଣଚୁଡ଼ା ନାମକ ନାଗ। ବଡ଼ ଠାକୁରଙ୍କ ରଥର ଅଶ୍ୱଗୁଡ଼ିକ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ନନ୍ଦିଘୋଷର ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ। ଦର୍ପଦଳନ ରଥ ଅଶ୍ୱଗୁଡ଼ିକ ହେଲେ ଗୋଚିକା, ମୋଚିକା, ଜିତା ଓ ଅପରାଜିତା। ତାଳଧ୍ୱଜ ରଥର ଦୁଇ ଶୁଆଙ୍କ ନାମ ଶ୍ରଦ୍ଧା ଓ ବିଶ୍ୱାସ, ନନ୍ଦିଘୋଷର ଜୀବ ଓ ପରମ ଏବଂ ଦର୍ପଦଳନ ରଥର ଦୁଇ ଶୁଆ ହେଲେ ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣ। ତାଳଧ୍ୱଜ ରଥ ରକ୍ଷିପଟାରେ ଥିବା ଋଷିମାନଙ୍କ ନାମ ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ। ନନ୍ଦିଘୋଷ ରଥର ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର। ସେହିଭଳି ଦର୍ପଦଳନ ରଥ ରକ୍ଷିପଟାରେ ଥିବା ଋଷିମାନେ ହେଲେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲ୍ଲୁକ ଓ ପ୍ରବର୍ତ୍ତକ ଋଷି ମଣ୍ଡଳ। ତାଳଧ୍ୱଜ ରଥର ଆବରଣ ଲୋହିତ ଓ ନୀଳ, ନନ୍ଦିଘୋଷ ରଥର ପୀତ ଓ ଲୋହିତ। ଦର୍ପଦଳନ ରଥର ଆବରଣ କୃଷ୍ଣ ଓ ଲୋହିତ ବର୍ଣ୍ଣ। ବଡ଼ଠାକୁରଙ୍କ ରଥର ନେତର ନାମ ଉନ୍ନନୀ, ମହାପ୍ରଭୁଙ୍କ ରଥ ନେତର ନାମ ତ୍ରୈଲୋକ୍ୟ ମୋହିନୀ ଓ ଦେବୀ ସୁଭଦ୍ରାଙ୍କ ରଥ ନେତର ନାମ ନାଦାମ୍ବିକା।

ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ-ଗୀତ, ଆମୋଦ-ପ୍ରମୋଦ ଏସବୁ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ /
୭୯୭୮୭୯୬୭୩୩


# ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ସାଲବେଗ ବୃତ୍ତାନ୍ତ

**ବିପିନ ବିହାରୀ ମହାନ୍ତି**

ରଥଯାତ୍ରା କହିଲେ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରାକୁ ବୁଝାଏ। ଯେଉଁ ଯାତ୍ରାରେ ଭଗବାନଙ୍କର ଭକ୍ତମାନଙ୍କ ପାଇଁ 'ଭକ୍ତବତ୍ସଳ' ଘୋଷଣା ଥାଏ; ଭକ୍ତମାନଙ୍କର ଜୟ ଯାତ୍ରା ଥାଏ, ତାହାହିଁ ଘୋଷ ଯାତ୍ରା। ଏମିତିରେ ରଥଯାତ୍ରାକୁ ମହାବେଦୀ ବା ଯଜ୍ଞବେଦୀ ଅଥବା ଶ୍ରୀ ଗୁଣ୍ଡିଚା ଯାତ୍ରା କୁହନ୍ତି। ଏହାକୁ ମଧ୍ୟ ଆଡ଼ପ ମଣ୍ଡପ ଯାତ୍ରା କୁହନ୍ତି। ଏହିଠାରେ ଠାକୁରମାନଙ୍କର ଜନ୍ମଗ୍ରହଣ ହୋଇଥିବାରୁ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଅଶ୍ୱମେଧ ଯଜ୍ଞ କାରଣରୁ ଏକ ସ୍ମୃତିଚାରଣ ସ୍ୱରୂପ ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି ବୋଲି ଅନେକ ମତ ଦେଲେ ହେଁ, ଏହା ଭାବ, ଭକ୍ତ ଓ ଭଗବାନଙ୍କର ନିଗୁଢ଼ ସଂପର୍କର ଯାତ୍ରା।

ଜଗନ୍ନାଥ ଧର୍ମ ଏକମାନବବାଦୀ ଧର୍ମ। ଏହା ଜାତି, ସଂପ୍ରଦାୟ, ଦେଶ ଏବଂ କାଳ ଇତ୍ୟାଦିର ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ। ଏହା ସାମ୍ୟ, ମୈତ୍ରୀ, ଶାନ୍ତି ଏକତା ଓ ଭାତୃଭାବର ପ୍ରତୀକ। ଏଥିପାଇଁ ସବୁଧର୍ମକୁ ସମନ୍ୱୟକରି ଜଗନ୍ନାଥ ପାଲଟିଛନ୍ତି ଜଗତାର ନାଥ। ତାଙ୍କଠି ସବୁ ପନ୍ଥୀ ସମାନ। ସେ ରାମମାନଙ୍କର ରହିମମାନଙ୍କର... ଯେତେ ବାଦ ଅଛି ସମସ୍ତଙ୍କର। ସେ ମ୍ଲେଚ୍ଛର, ଦାସିଆ ବାଉରୀର, ରଘୁ ଅର୍କ୍ଷିତର, ରାମଦାସର, ବଳରାମ ଦାସର, ଯବନ ଭକ୍ତ ରସଖାନ, ହରିଦାସ ଏବଂ ସାଲବେଗର। ଯିଏ ତାକୁ ଭାବରେ ଡାକିଲା, ସେ ତା'ର। ସେ ତା' ପାଖରେ ବନ୍ଧା। ଏହିପରି ଭକ୍ତମାନଙ୍କ ଦର୍ଶନାର୍ଥେ, ଉଦ୍ଧାରାର୍ଥେ, ପତିତତାରଣାର୍ଥେ, ପାପ ମୋଚନ ଓ ଖଣ୍ଡନାର୍ଥେ ତଥା ନିର୍ବାଣ ଅର୍ଥେ ଘୋଷଯାତ୍ରା ବା ପ୍ରଭୁଙ୍କର ନବଦିନ ଯାତ୍ରାର ଉଦ୍ଦେଶ୍ୟ। ମନ୍ଦିରର ସମସ୍ତ କୁସଂସ୍କାର ତଥା ସଂକୀର୍ଣ୍ଣତା ଦୂରକରି ମୁକ୍ତଦାଣ୍ଡରେ ବିଜେ କରନ୍ତି ପ୍ରଭୁ ଜଗନ୍ନାଥ। ଶାସ୍ତ୍ରମତେ ବଡ଼ଦାଣ୍ଡରେ ରଥ ଉପରେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ। ପୁନର୍ଜନ୍ମରୁ କୁଆଡ଼େ ମୁକ୍ତି ମିଳେ। : ରଥେତୁ ବାମନଂ ଦୃଷ୍ଟାପୁନର୍ଜନ୍ମ ନ ବିଦ୍ୟତେ ।।'

ପୁନଶ୍ଚ କୁହାଯାଇଛି ଯେ, ନୀଳାଦୌ ଦଶସହସ୍ରାଣି ଆଡ଼ପ ମଣ୍ଡପେ ଦିନେ। ଅର୍ଥାତ୍ ବଡ଼ ଦେଉଳର ଚାରି ଠାକୁରଙ୍କୁ ଦଶହଜାର ଦିନ ଦର୍ଶନ କରି ଯେତିକି ଫଳ ମିଳେ, ଆଡ଼ପ ମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ, ସେତିକି ପୁଣ୍ୟଫଳ ମିଳେ। ଭକ୍ତମାନଙ୍କ ପାଇଁ ଭଗବାନଙ୍କର ଏହା ଏକ ଅବସର। ଏହି ସୁଯୋଗ ନେବାପାଇଁ ଭକ୍ତମାନେ ବିଶ୍ୱବ୍ରହ୍ମାଣ୍ଡରୁ ସେମାନେ ଜଗନ୍ନାଥ ଧର୍ମୀ ବା ବିଧର୍ମୀ ଯାହା ହୁଅନ୍ତୁ ପଛେ, ଧାଇଁ ଆସିଥାନ୍ତି। ଯିଏ ଯାହାହେଲେ ବି, ସେ ଭକ୍ତ। ଭକ୍ତର ମନୋବାଞ୍ଛା ପୂରଣ କରିବା ପ୍ରଭୁର ଧର୍ମ ହେତୁ, ବେଳେ ବେଳେ ପ୍ରଭୁର ରଥ ଭକ୍ତପାଇଁ ଅଟକି ଯାଏ।

ଭକ୍ତ ସାଲାବେଗର କାହାଣୀ ଏହାର ଏକ ଦୃଷ୍ଟାନ୍ତ। ବଙ୍ଗ ସୁବେଦାର, ଲାଲବେଗର (୧୬୦୭-୧୬୦୮)ର ପୁତ୍ର ସାଲବେଗ। ଏହି ଲାଲବେଗ ଜଗନ୍ନାଥ ମନ୍ଦିର ଲୁଣ୍ଠନ କରିବା ଉଦ୍ଦେଶ୍ୟରେ ଆସିଥାନ୍ତି। ପିପିଲି ଦେଇ ଶ୍ରୀକ୍ଷେତ୍ର ଗଲାବେଳେ ଦାଣ୍ଡ ମୁକୁନ୍ଦ ପୁରର ଜଣେ ବିଧବା ବ୍ରାହ୍ମଣ ନାରୀ ଲଳିତାଙ୍କୁ ତାଙ୍କ ସ୍ନାନ ସମୟରେ ଲାଲବେଗ ଦେଖନ୍ତି ଏବଂ ତାଙ୍କ ରୂପ ଲାବଣ୍ୟରେ ମୁଗ୍ଧହୋଇ ଅପହରଣ କରି ନେଇ ରାଣୀ କରନ୍ତି ଏବଂ ତାଙ୍କ ନାମ ରଖନ୍ତି ଲାଲବିବି। ସେକୁଆଡ଼େ ଦାଣ୍ଡ ମୁକୁନ୍ଦପୁରର ମାଧବ ରଥ ଓ ସୁଲକ୍ଷଣା ଦେବୀଙ୍କ କନ୍ୟା ତଥା ମୃତ ବନ୍ଧୁ ମିଶ୍ରଙ୍କ ପତ୍ନୀଥିଲେ। ତାଙ୍କ ଗର୍ଭରୁ ସାଲବେଗଙ୍କ ଜନ୍ମ।

ଭିନ୍ନମତେ ସାଲବେଗ ଲାଲବେଗଙ୍କର ପ୍ରଥମ ପତ୍ନୀ ଫତିମା ବିବିଙ୍କର ପୁତ୍ର। ମାତ୍ର ଏନ୍ତୁଡ଼ିଶାଳରୁ ତାଙ୍କର ମୃତ୍ୟୁ ହେବାରୁ, ଲାଲ୍‌ବିବି ତାଙ୍କର ଲାଳନପାଳନ କରନ୍ତି। କେଉଁ କଥାଟି ସତ୍ୟ, ଏହା ସିଦ୍ଧାନ୍ତ ନେବା ପୂର୍ବରୁ ଅନ୍ତତଃ ସାଲବେଗଙ୍କୁ ଆଧାରକରି ଆମେ କହିବୁ ଯେ ସେ ଲଳିତା ବା ଲାଲବିବିଙ୍କ ପୁତ୍ର। ଏକଥା ସେ ନିଜେ ଘୋଷଣା କରି କୁହନ୍ତି ଯେ –

"ପିତା ମୋ ମୋଗଲ ବେଟା, ମାତା ମୋ ବ୍ରାହ୍ମଣୀ
ହୀନକୁଳେଜାତ ମୁହିଁ ହିନ୍ଦୁନଛୁଏଁ ପାଣି ।।"

ଏହି ସାଲବେଗ ପିତାଙ୍କର ପରି ଦୁର୍ଦ୍ଧଷ ଥିଲେ। ଏକଦା ରଣ କ୍ଷେତ୍ରରେ ଶତ୍ରୁକୁ ସାମ୍‌ନା କରିନପାରି କ୍ଷତ ବିକ୍ଷତ ହୋଇ ଅକର୍ମଣ୍ୟ ହୋଇ ପଡ଼ିଲେ ଏବଂ ଜୀବନକୁ ତୁଚ୍ଛ ମନେକରି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ। ଏକଥା ମା'ଙ୍କୁ ଜଣାଇଦେଲେ। ଭିନ୍ନମତେ ସେ ଶୈଶବରୁ ରୁଗ୍ଣ ଥିଲେ। ସେଥିରୁ ମୁକ୍ତିପାଇଁ କେଉଁଠି ଏପରି ନିଷ୍ପତ୍ତି ନେଲେ। ମା' ତାଙ୍କୁ ପ୍ରେରଣା ଦେଲେ : ତୁ ଗୋକୁଳଚନ୍ଦ୍ର ବୃନ୍ଦାବଳ ଚନ୍ଦ୍ରମାଙ୍କୁ ଡାକ। ସେ ଅବଶ୍ୟ ଗୁହାରି ଶୁଣିବେ। ନୋହିଲେ ଉଭୟ ଆତ୍ମହତ୍ୟା କରିବା।

ଉଭୟ ମାତା ଓ ପୁତ୍ର ଶ୍ରୀକୃଷ୍ଣଙ୍କର ଧ୍ୟାନରେ ବସିଲେ। ଦିନେ ରାତିରେ ପ୍ରଭୁ ତାଙ୍କ ପାଖରେ ବାଳମୁକୁନ୍ଦ ରୂପେ ଉପସ୍ଥିତ ହେଲେ। ସାଲବେଗଙ୍କୁ ଆଉଁଷି ଦେଇ କିଛି ବିଭୂତି ଲେପନ କରିଦେଲେ। ସକାଳୁ ସବୁଠିକ୍, ଏବେ ଗୋକୁଳଚନ୍ଦ୍ରଙ୍କ ପ୍ରତି ଅତୁଟ ବିଶ୍ୱାସରେ ବଂଚି ରହିଲେ ସେଦୁହେଁ।

ଶ୍ରୀ ଚୈତନ୍ୟଙ୍କ ଉପରେ ଶ୍ରୀକ୍ଷେତ୍ରର ପ୍ରଭାବ ପରି ପରବର୍ତ୍ତୀ ସମୟରେ ତାଙ୍କୁ ଶ୍ରୀକ୍ଷେତ୍ର ଆକର୍ଷଣ କଲା। ଜଗନ୍ନାଥଙ୍କ ପ୍ରତି ସେ ସମର୍ପିତ ହୋଇଗଲେ। ତୁଣ୍ଡରେ ଧରିଲେ :

ଆରେ ଗୋଡ଼ ଯୋଡ଼ିକ ଥାଇବୋଇଲେ
ସତମୋ ବଚନରାମା ସତମୋ ବଚନ।
ଜଗନ୍ନାଥଙ୍କ ଶରଧାବାଲି ଚାଲିବାକୁ ମନ
ମୁଁ ଶ୍ରୀକ୍ଷେତ୍ର ଯିବି, ଆରେ ଶ୍ରୀକ୍ଷେତ୍ର ଯିବି।
ଜଗନ୍ନାଥଙ୍କର ଚକାଡ଼ୋଳା ନିତି ଦେଖୁଥିବି, ମୁଁ ଶ୍ରୀକ୍ଷେତ୍ର ଯିବି।'

ତାପରେ ଶ୍ରୀକ୍ଷେତ୍ର। ବୃନ୍ଦାବନ ଚନ୍ଦ୍ରରୁ ଜଗନ୍ନାଥଙ୍କୁ ଭକ୍ତିର ସ୍ୱର ବଦଳିଲା।

ଅଁ ଆହେ ନୀଳ ଶଇଳ ପ୍ରବଳ ମତ ବାରଣ, ମୋ ଆରତ ନଳିନୀ ବନକୁ କର ଦଳନ..।

ଅଁ କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ ଆମେ ଦର୍ଶନ କରିବା କାହାକୁ..।।

ଅଁ ଜଗନ୍ନାଥହୋ, କିଛି ମାଗୁନାହିଁ ତୋତେ, ଧନ ମାଗୁନାହିଁ ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ... ।।'

ଅଁ ନୀଳଚକ୍ରେ ଦେଖ ଉଡୁଛି ବାନା, ପତିତପାବନ ବାନାଟି ଯାର ନାଁ...।

ଅଁ ଜଗ ବନ୍ଧୁହେ ଗୋସାଇଁ, ତୁମ୍ଭ ଶ୍ରୀ ଚରଣବିନୁ ଅନ୍ୟ ଗତି ନାହିଁ।'

ଇତ୍ୟାଦି ଭଜନ ଓ ସ୍ତୁତି ଚାଲିଲା।

କହିଛେ ଭକ୍ତାଧୀନ ଭଗବାନ। ସେ ଭକ୍ତର ଭାବରେ ବନ୍ଧା ବୋଲି ଭାବଗ୍ରାହୀ। ଭକ୍ତଲାଗି ଘୋଷଯାତ୍ରା। ଭକ୍ତର ଅପେକ୍ଷାରେ ଅଟକି ଯାଏ ରଥ। ଶୁଣାଯାଏ ସାଲବେଗ ଦୀର୍ଘଦିନ ପୁରୀରେ ଅବସ୍ଥାନ ପରେ ଶ୍ରୀ ବୃନ୍ଦାବନକୁ ଯାତ୍ରା କରିଥିଲେ। ଭାବିଥିଲେ ରଥ ଯାତ୍ରା ପୂର୍ବରୁ ସେ ଯେମିତି ହେଲେ ଫେରି ଆସିବେ; କିନ୍ତୁ ଶାରୀରିକ ଅସୁସ୍ଥତା ବଶତଃ ସେ ପଥ ମଧ୍ୟରେ ଅଟକିଗଲେ। ରଥା ଯାତ୍ରା ପୂର୍ବରୁ ଏତେବାଟ ଅତିକ୍ରମି ଆସିବାରେ ତାଙ୍କର ସାମର୍ଥ୍ୟ ନଥିଲା। ତଥାପି ମନ ମଧ୍ୟରେ ଏକାଗ୍ରତାର ସହିତ ସେ ନନ୍ଦିଘୋଷ ଉପରେ ଜଗନ୍ନାଥଙ୍କୁ ଦେଖିବାରେ ଅଭିଳାଷ ରଖି ଗାଇଥିଲେ :

'ଜଗବନ୍ଧୁ ହେ ଗୋସାଇଁ
ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ ।।୦।।
ସାତଶ ପଚାଶ କୋଶ ଚାଲି ନପାରଇ
ମୋ ଯିବାଯାଏଁ ନନ୍ଦିଘୋଷ ଥିବ ରହି ।।୧।।

ସାଲବେଗଙ୍କର ଆକୁଳ ନିବେଦନ ଜଗନ୍ନାଥଙ୍କର କର୍ଣ୍ଣଗୋଚର ହେଲା। ବଡ଼ଠାକୁର ଓ ସୁଭଦ୍ରାଙ୍କ ରଥ। ବଳଗଣ୍ଡି ଅତିକ୍ରମ କରି ଚାଲିଗଲା ଅଥଚ କାଳିଆର ରଥ ଶରଧାବାଲିରୁ ତିଳେ ହେଲେ ଘୁଞ୍ଚିଲା ନାହିଁ। ସେମିତି ପଡ଼ିରହିଲା ଏବଂ କେଉଁ ସୁଦୂର ପଥ ଅତିକ୍ରମି ଭକ୍ତ ସାଲବେଗ ଆସିଲାପରେ ଏବଂ ଦର୍ଶନ ଅନ୍ତେ ନନ୍ଦିଘୋଷ ଚାଲିଲା। ଏଥିରୁ ଅନୁମିତ ହୁଏ ଭକ୍ତପାଇଁ ଭଗବାନ ସୁବୁକିଛି। ସେହି ସାଲବେଗଙ୍କ ବାଣୀରେ :

ଏକାତୋ ଭକତ ଜୀବନ
ଭକତ ନିମନ୍ତେ ତୋର ଶଙ୍ଖଚକ୍ରଚିହ୍ନ ।।୦।।
ଭକତ ତୋ ପିତାମାତା ଭକତ ତୋ ବନ୍ଧୁ
ଭକତ ନିମନ୍ତେ ତୋର ନାମ କୃପାସିନ୍ଧୁ ।।୧।।

ଏବେ ତାଙ୍କରି ସ୍ମୃତିରେ ବଡ଼ଦାଣ୍ଡର ପ୍ରଥପ୍ରାନ୍ତେ ଭକ୍ତସାଲବେଗଙ୍କ ସମାଧିପୀଠ ଯେଉଁଠି ରଥବେଳେ କିଛିକ୍ଷଣ ଅଟକିଯାଏ ନନ୍ଦିଘୋଷ ରଥ। ଧନ୍ୟ ଏ ଘୋଷଯାତ୍ରା; ଧନ୍ୟ ଶ୍ରୀ ଜଗନ୍ନାଥଙ୍କର ଭକ୍ତବତ୍ସଳ ବାନା ଏବଂ ଧନ୍ୟ ଏ ଭକ୍ତସାଲବେଗ।


ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ,
ଦୂରଭାଷ : ୯୯୩୮୩୪୪୧୩୮


# ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଜଗନ୍ନାଥ ଧାମର ସୂଚନା

**ପ୍ରଫେସର ଡାକ୍ତର ସମ୍ରାଟ କର**

ଯେତେଦିନ ପର୍ଯ୍ୟନ୍ତ ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହେଉଥିବେ, ଉତ୍ତରରେ ଉତ୍ତୁଙ୍ଗ ହିମାଚଳ ଦଣ୍ଡାୟମାନ ଥିବ, ଦକ୍ଷିଣରେ ଭାରତ ମହାସାଗର ଜନନୀ ଜନ୍ମଭୂମିର ପଦକ୍ଷାଳନ କରୁଥିବ, ଭାରତୀୟ ପବିତ୍ରତାର ପ୍ରତୀକ ଚିର ସ୍ରୋତସ୍ୱିନୀ ଗଙ୍ଗା-ଯମୁନାର ଅଖଣ୍ଡ ପ୍ରବାହ ଅବ୍ୟାହତ ରହିଥିବ, ସେତେକାଳ ପର୍ଯ୍ୟନ୍ତ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ କୋଟି କୋଟି ଭକ୍ତ ମାନସରେ ପ୍ରେରଣାର ଉତ୍ସ ସ୍ୱରୂପ ଶ୍ରୀଜଗନ୍ନାଥଙ୍କର ମହିମା ଯେ ଦେଦୀପ୍ୟମାନ ରହିବ, ଏହା ନିଃସନ୍ଦେହ। କେଉଁ ଅନାଦି ଯୁଗରୁ ଭାରତରେର ଚତୁର୍ଦ୍ଧାଡ଼ (ବଦ୍ରିନାଥ, ଦ୍ୱାରକାନାଥ, ରମାନାଥ ଓ ଜଗନ୍ନାଥ)ର ପ୍ରାଧାନ୍ୟ ଯେଉଳି ପ୍ରତିଷ୍ଠା ଲାଭ କରିଛି, ତାହା ଐତିହାସିକ ପର୍ଯ୍ୟାଲୋଚନାର ଉର୍ଦ୍ଧ୍ୱରେ। ସେହି ଅନାଦି ଯୁଗରୁ ହିଁ ପରମ୍ପରାକ୍ରମେ ବିଶ୍ୱାସ କରାଯାଇ ଆସିଛି ଯେ ପୁରୀ ଧାମରେ ଶ୍ରୀଜଗନ୍ନାଥ ତଥା ଚତୁର୍ଦ୍ଧାମୂର୍ତ୍ତିଙ୍କର ଦର୍ଶନ ବିନା ଅନ୍ୟ ତିନିଧାମର ତୀର୍ଥାଟନଜନିତ ପୁଣ୍ୟ ଆହରଣ ଅସମ୍ପୂର୍ଣ୍ଣ ଓ ନିଷ୍ଫଳ।

ବାସ୍ତବରେ ଜଗନ୍ନାଥଧର୍ମ ବିଶ୍ୱଧର୍ମର ପ୍ରତୀକ, ଜଗନ୍ନାଥଧାମ ସମଗ୍ର ବିଶ୍ୱବାସୀଙ୍କର ଆକର୍ଷଣ କେନ୍ଦ୍ର, ପୀଠର ପବିତ୍ରତା ଅଖଣ୍ଡ, ସ୍ୱୟଂ ସମ୍ପୂର୍ଣ୍ଣ, ତାହା ମୁକ୍ତ, ସଦଗତି ଓ ପରିପୂର୍ଣ୍ଣତାର ଆଧାର। ଶ୍ରୀଗନ୍ନାଥ କେବଳ ଉତ୍କଳର ଜାତୀୟ ଦେବତା ନୁହଁନ୍ତି, ଭାରତର ମଧ୍ୟ ରାଷ୍ଟ୍ର ଦେବତା ନୁହନ୍ତି, ସେ ସମଗ୍ର ଜଗତର ନାଥ ଜଗନ୍ନାଥ। ଏଥିପାଇଁ ପୃଥିବୀର ରାଜନୈତିକ ମାନଚିତ୍ରରେ ଓଡ଼ିଶା କିମ୍ବା ପୁରୀର ଉଲ୍ଲେଖ ନଥିବା କାଳରେ ମଧ୍ୟ ଜଗନ୍ନାଥଧାମ ତଥା ପୁରୁଷୋତ୍ତମ ବା ନୀଳାଚଳଧାମ ସମଗ୍ର ବିଶ୍ୱରେ ସୁପରିଚିତ ଥିଲା। ଏହି କାରଣରୁ ବହୁ ପ୍ରାଚୀନକାଳରୁ ଜଗନ୍ନାଥଧାମର ପ୍ରସିଦ୍ଧି କୋଟି କଣ୍ଠରେ ପରିକୀର୍ତ୍ତିତ ହୋଇଅଛି। ଆମର ବିଭିନ୍ନ ପ୍ରାଚୀନ ପୁରାଣ ଶାସ୍ତ୍ର ଏହାର ପର୍ଯ୍ୟାପ୍ତ ପ୍ରମାଣ ଦିଏ। ନିମ୍ନରେ କେତୋଟି ଦୃଷ୍ଟାନ୍ତ ପ୍ରଦତ୍ତ ହେଲା – କପିଳ ସଂହିତା – 'ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶନାମୁତ୍କଳଃ ଶ୍ରୁତଃ, ଉତ୍କଳସ୍ୟ ସମୋଦେଶଃ ଦେଶୋ ନାସ୍ତି ମହୀତଳେ।'ସ୍କନ୍ଦ ପୁରାଣ – 'ଓଡ୍ରଦେଶ ଇତି ଖ୍ୟାତୋ ବର୍ଷେ ଭାରତ ସଂଜ୍ଞିତମ୍, ଦକ୍ଷିଣସ୍ୟୋଦଧେସ୍ତୀରେ କ୍ଷେତ୍ରଂ ଶ୍ରୀ ପୁରୁଷୋତ୍ତମମ୍। ତତ୍ର ନୀଳଗିରିନାମ ସମନ୍ତାତ୍ କାନନାବୃତମ୍। ତସ୍ୟ ପଶ୍ଚ୍ୟାଦ୍ଦିଶି ଖ୍ୟାତଂ କୁଣ୍ଡଂ ରୌହିଣୀ ସଂଜ୍ଞିତମ୍।'

ବହ୍ମପୁରାଣ – 'ଉତ୍କଳେ ତୁ ମୁନି ଶ୍ରେଷ୍ଠା ବେଦିତ ବ୍ୟାନି ତାନିବୈ, ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମାଃ। ଆସ୍ତେ ପୁଣ୍ୟ ପରଂ କ୍ଷେତ୍ରଂ ମୁକ୍ତିଦଂ ପାପନାଶନମ୍। ଧନ୍ୟାସ୍ତେ ବିବୁଧ ପ୍ରଖ୍ୟା ଯେ ବସନ୍ତ୍ୟୁତ୍କଳେ ଜନାଃ। ତୀର୍ଥରାଜ ଜଳେ ସ୍ନାତ୍ୱା ପଶ୍ୟନ୍ତି ପୁରୁଷୋତ୍ତମମ୍, ସ୍ୱର୍ଗେ ବସନ୍ତି ତେ ମର୍ତ୍ତ୍ୟା ନ ବସନ୍ତି ଯମାଳୟେ।'ବ୍ରହ୍ମାଣ୍ଡ ପୁରାଣ – 'ତତ୍ରାସ୍ତେ ଭାରତେବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ, ଉଡ୍ରଦେଶ ଇତି ଖ୍ୟାତଃ ସ୍ୱର୍ଗମୋକ୍ଷ ପ୍ରଦାୟକଃ।'ମତ୍ସ୍ୟ ପୁରାଣ – 'ଗୋକର୍ଣ୍ଣଂ ଗଜକର୍ଣ୍ଣଂ ଚ ତଥାଚ ପୁରୁଷୋତ୍ତମଃ, ଦ୍ୱାରକା କୃଷ୍ଣତୀର୍ଥଂ ଚ ତଥାର୍ବୁଚ ସରସ୍ୱତୀ।'କୁର୍ମ ପୁରାଣ – 'ସିଂହାଦ୍ରୌ ଦେବଦେବେଶଂ ବୈକୁଣ୍ଠଂ ମାଗଧେ ବନେ, ସର୍ବପାପହରୋଃ ବିନ୍ଧ୍ୟେ ଉଡ୍ରେ ଶ୍ରୀପୁରୁଷୋତ୍ତମମ୍।'ଶିବ ପୁରାଣ – 'ଅଯୋଧ୍ୟା ମଥୁରା ଗୟା କାଶୀ କାଞ୍ଚୀ ଅବନ୍ତିକା, ପୁରୀ ଦ୍ୱାରାବତୀ ଚୈବ ସପ୍ତୈତେ ମୋକ୍ଷଦାୟିକା। ସୀମାମୁତ୍କଳ ଦେଶସ୍ୟ ବିତ୍ତଜନ୍ତୀ ବନାନ୍ତରେ, ମାର୍ଗାସ୍ଥାଂ ଚଣ୍ଡିକାଂ ପ୍ରାପ ଚର୍ଚ୍ଚିତଂ ମୁଣ୍ଡମାଳୟା। ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତନ୍ୟଦ ଭବମୋଚନମ୍। ଯତ୍ର ସାକ୍ଷାତ ପରଂବହ୍ମ ଦାରୁବ୍ୟାଜ ଶରୀର୍ଯଭୂତ।'ବୃହତ୍ ନୃସିଂହପୁରାଣ – 'ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟତ୍ର ପୃଥିବୀତଳେ, ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍।'ମହାଭାରତ – 'ତତଃ ପ୍ରସନ୍ନା ପୃଥିବୀ ତପସ୍ୟା ତସ୍ୟ ପାଣ୍ଡବ, ପୁନରୁନ୍ନାର୍ହ୍ୟ ସଳିଳାଦ ବେଦୀ ରୂପା ସ୍ଥିତୌବଭୌଂ। ସୈଷା ପ୍ରକାଶତେ ରାଜନ୍ ବେଦୀ ସଂସ୍ଥାନ ଲକ୍ଷଣା, ଆାରୁହ୍ୟାତ୍ର ମହାରାଜ ବୀର୍ଯ୍ୟବାନ ବୈ ଭବିଷ୍ୟତ। ସୈଷା ସାଗରମାସାଦ୍ୟ ରାଜନ୍ ବେଦୀ ସମାଶ୍ରିତା, ଏତାମାରୁହ୍ୟ ଭଦ୍ରନ୍ତେ ତ୍ୱମେକସ୍ତର ସାଗରମ୍।'ତନ୍ତ୍ରଯାମଳ – 'ଭାରତେଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ, ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ।'ରୁଦ୍ର ଯାମଳ – 'ମହାକନ୍ଦବାସୀ ମହାନନ୍ଦବାସୀ ପୁରଗ୍ରାମବାସୀ ମହାପୀଠଦେଶା, ଜଗନ୍ନାଥବକ୍ଷଃସ୍ଥଳସ୍ଥୋ ବରେଣ୍ୟୋ ବୃତାନନ୍ଦ କର୍ତ୍ତା ଶିବାନନ୍ଦକର୍ତ୍ତ୍ରୀ'।

ଶକ୍ତି ସଙ୍ଗମତନ୍ତ୍ର – 'ଜଗନ୍ନାଥାତ୍ ପୂର୍ବଭାଗାତ୍ କୃଷ୍ଣତୀରାନ୍ତଗଂ ଶିବେ, କଳିଙ୍ଗଦେଶଃ ସମ୍ପ୍ରୋକ୍ତ ରାମମାର୍ଗ ପରାୟଣଃ। କଳିଙ୍ଗ ଦେଶମାରଭ୍ୟ ପଞ୍ଚାଷ୍ଟ ଯୋଜନଂ ଶିବେ, ଦକ୍ଷିଣସ୍ୟାଂ ମହେଶାନି କଳିଙ୍ଗ ପରିକୀର୍ତ୍ତିତଃ।'

ତ୍ରିକାଣ୍ଡଶେଷ – ହେମ ଶଙ୍ଖଃ ଶତାବର୍ତ୍ତୋ ମନୁଶାଶ୍ୱତ ବାରୀଶାଃ, ବର୍ଦ୍ଧମାନଃ ଶତାନନ୍ଦୋ ଜଗନ୍ନାଥଃ ସୂୟାମୁନଃ।'ଜ୍ଞାନସିଦ୍ଧି – 'ତାନ୍ ପ୍ରଯୁକ୍ତ୍ୟା ଜଗନ୍ନାଥୈଃ ବଜ୍ରସତ୍ୱ ବିଭାବନୈଃ, ଭୁଜବର୍ଣ୍ଣ ସମାଯୁକ୍ତ ମୁଦ୍ରାମଣ୍ଡଳକୈ ସ୍ତଥା। ଅତଏବ ଜଗନ୍ନାଥ ବାଳାନଂ ପ୍ରତିବୋଧନେ, ନିବର୍ଣ୍ଣ ଦର୍ଶୟନ୍ତ୍ୟେବ ରୂପସ୍ୟା ନିତ୍ୟଦର୍ଶକାଃ। ସର୍ବଜ୍ଞଃ ସର୍ବଦର୍ଶୀଞ୍ଚ ସର୍ବ ଲୋକାର୍ଥ କାରକଃ। ତତ୍ରତତ୍ର ଜଗନ୍ନାଥୈଃ ଦର୍ଶତଃ କରୁଣାତ୍ମଭିଃ।'ଅନର୍ଘରାଘବ – 'ଭୋ ଭୋ ଲବଣୋଦବେଳା ବନାଳୀ ତମାଳତରୁ କନ୍ଦଳସ୍ୟ, ତ୍ରିଭୁବନ ମୌଳିମଣ୍ଡଳ ମହାନୀଳମଣେଃ, କମଳାକୁଚକଳସ କେଳିକସ୍ତୁରିକା ପତ୍ରାଙ୍କରସ୍ୟ, ଭଗବତଃ ଶ୍ରୀ ପୁରୁଷୋତ୍ତମସ୍ୟ ଯାତ୍ରାୟାଂ ମୁପସ୍ଥାନୀୟା ସଭାସଦଃ।'

ଏଠାରେ ଯେଉଁସବୁ ପୁରାଣଶାସ୍ତ୍ରରୁ ଦୃଷ୍ଟାନ୍ତମାନ ପ୍ରଦାନ କରାଗଲା, ସେଗୁଡ଼ିକର ରଚନାକାଳ ପ୍ରତି ଲକ୍ଷ୍ୟ କଲେ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ସ୍ୱତଃ ସ୍ପଷ୍ଟ ପ୍ରତିପାଦିତ ହୁଏ।


ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଯୁବତୀଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲା, ୩ ଗିରଫ

କରଞ୍ଜିଆ, (ମହାଭାରତ) : ଯୁବତୀଙ୍କୁ ଅପହରଣ ପରେ ଗଣଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଗତ ୨୪ ତାରିଖର ଅପରାହ୍ନରେ ଜଣେ ଯୁବତୀ ମନ୍ଦିରରୁ ପୂଜା ସାରି ଘରକୁ ଫେରୁଥିବା ବେଳେ ଗଣ ଦୁଷ୍କର୍ମର ଶିକାର ହୋଇଥିଲେ । କରଞ୍ଜିଆ ଥାନା ହଳଦିଆପଶି-ମଲ୍ଲାରପଦା ଗାଁ କାଜୁ ଜଙ୍ଗଲ ନିକଟରୁ ତାଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଗଣଦୁଷ୍କର୍ମର ଶିକାର ହୋଇଥିବା ନେଇ ଯୁବତୀ ଜଣକ ଗତ ୨୪ ତାରିଖରେ ବିଳମ୍ବିତ ରାତିରେ କରଂଜିଆ ଥାନାରେ ଅଭିଯୋଗ କରିଛନ୍ତି । ପରେ ମଲ୍ଲାରପଦା ଗାଁର ବିକାଶ ପାତ୍ର ନାମକ ଜଣେ ଅଭିଯୁକ୍ତ ସହ ଅନ୍ୟ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା କରଞ୍ଜିଆ ପୋଲିସ । ଗତକାଲି ବିଳମ୍ବିତ ରାତ୍ରରେ ଆଉ ଜଣେ ଅଭିଯୁକ୍ତକୁ ଧରିବାରେ ସଫଳ ହେଇଛି କରଞ୍ଜିଆ ପୋଲିସ । ଏବେ ଏହି ଘଟଣା ନେଇ ମୁହଁ ଖୋଲିଛନ୍ତି ଡିଆଇଜି ।

## ରଥଚକ ତଳେ ପଡ଼ି ଗଲା ଯୁବକଙ୍କ ଜୀବନ

ବ୍ରହ୍ମପୁର, (ମହାଭାରତ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ରଥ ଟାଣିବା ବେଳେ ବଡ଼ ଅଘଟଣ ଘଟିଛି । ରଥଚକ ତଳେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ଶିବରାମ ବେହେରା । ସୂଚନା ଅନୁସାରେ ଗତକାଲି ଶିକୁଳାରେ ରଥଟଣା ଆରମ୍ଭ ହୋଇଥିଲା । ରଥ ଟାଣିବା ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା । ସେହି ଭିଡ଼ ଠେଲା ପେଲା ଭିତରେ ଶିବରାମ ମଧ୍ୟ ଥିଲେ । ରଥ ଗଡୁଥିବା ବେଳେ ହଠାତ୍ ? ଭିଡ଼ରେ ଅସାବଧାନ ?ତା ଯୋଗୁଁ ସେ ତଳେ ପଡ଼ି ଯାଇଥିଲେ । ଫଳରେ ରଥଚକ ତାଙ୍କ ଉପରେ ଚଢ଼ି ଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗ୍ରାମବାସୀ ପୁରୁ ?ଷୋତ୍ତମପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି ।

## ରାଜନଗର ରଥଯାତ୍ରାରେ ରଥ ଦାଣ୍ଡ ଜନ ସମୁଦ୍ର



ପାଟଣା, (ମହାଭାରତ) : ପାଟଣା ବ୍ଲକ ଅନ୍ତର୍ଗତ ରାଜନଗରର ପ୍ରାଚୀନ ଦଧିବାମନ ଜୀଉଙ୍କ ଘୋଷ ଯାତ୍ରା ୩୪୯ ବର୍ଷରେ ପଦାର୍ପଣ କରିଥିବାବେଳେ ଆଜି ଘୋଷଯାତ୍ରା ଦେଖିବାକୁ ଓ ରଥ ଟାଣିବାକୁ ପ୍ରତିକୂଳ ପାଣିପାଗ ସତ୍ତ୍ୱେ ରାଜନଗର ରଥ ଦାଣ୍ଡ ଜନ ସମୁଦ୍ରର ଭ୍ରମ ସୃଷ୍ଟି କରିଥିଲା । ଅନ୍ୟୁନ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଏଠାକାର ପରିବେଶକୁ ଆଧ୍ୟାତ୍ମିକମୟ କରିଦେଇଥିଲା । ଏଠାରେ ପରିଛା ଦୂର୍ଯୋଧନ ମିଶ୍ର ଛେରା ପହଁରା କରିଥିଲେ । କେତେକ କାରଣରୁ ଏଠାରେ ରଥ ଟଣା ବିଳମ୍ବିତ ହୋଇଛି । ଦେବୋତ୍ତର ବିଭାଗ ପକ୍ଷରୁ ଦାୟିତ୍ୱରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କ ଉପସ୍ଥିତିରେ ତୁରୁମୁଙ୍ଗା ପୁଲିସ,ଡ୍ରାଇଭର ମହାସଂଘ ଏଠାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଛନ୍ତି । ଅପରାହ୍ନ ୫ ଟାରୁ ଆରମ୍ଭ ହୋଇଥିବା ଏହି ରଥଯାତ୍ରାରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ପୂର୍ବତନ ବିଧାୟକ ଜଗନ୍ନାଥ ନାଏକଙ୍କ ସହ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ନାଏକ ପ୍ରମୁଖ ସାମିଲ ରହିଥିବା ଦେଖିବାକୁ ମିଳିଥିଲା । ୧୬୭୬ ମସିହାରେ ରାଜନଗରରେ କେନ୍ଦୁଝର ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ଦ୍ୱାରା ସ୍ଥାପିତ ଦଧିବାମନ ଜୀଉଙ୍କ ରଥଯାତ୍ରା ପ୍ରତିବର୍ଷ ହୋଇ ଆସୁଥିବା ବେଳେ ଅତୀତରେ ଥରକ ପାଇଁ ବୈତରଣୀ ବନ୍ୟାଜଳ ରଥ ଭସାଇ ନେବାରୁ ରଥଯାତ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଏହା ଛଡ଼ା ମାଛଗଡ଼ ,ଉଦୟପୁର , ଖୀରେଇଟାଙ୍ଗିରୀ , ପ୍ରଧାନପଡ଼ା, ସରାସକୋଲା, ଟାଙ୍ଗରପଡା, ଦାମାହୁଦା , କୁଣ୍ଡଳା, ଭିମକୁଣ୍ଡ, ଡୁମୁରିଆ ଓ ପିପିଳିଆ ଆଦି ଗ୍ରାମ ରେ ମଧ୍ୟ ଆଜି ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ୫୧ ବର୍ଷରେ ଓରାଳି ରଥଯାତ୍ରା



ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲାର ଐତିହ ଓ ସଂସ୍କୃତି ସଂପନ୍ନ ହାଟଡିହି ବ୍ଲକ ଓରାଳି ଗ୍ରାମରେ ୧୯୭୪ ମସିହାରେ ଆରମ୍ଭ ହୋଇଥିବା ଓରାଳି ରଥ ଯାତ୍ରା ୫୧ତମ ବର୍ଷରେ ପହଞ୍ଚିବା ସହିତ ଘୋଷ ଯାତ୍ରା ଧୁମଧାମରେ ଅନୁଷ୍ଠିତ ହୋଇଛି । ଅଞ୍ଚଳର ପାଖାପାଖି ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କର ଏଠାରେ ସମାବେଶ ହୋଇଥିଲା । ଅପରାହ୍ନ ୩ ଟା ପରେ ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିରରୁ ପହଣ୍ଡି ବିଜେ କରାଯାଇ ରଥକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଭଜନ କୀର୍ତ୍ତନ ନାମ ସଙ୍କୀର୍ତ୍ତନ ମଧ୍ୟରେ ଅଣାଯାଇ ରଥାରୂଢ଼ କରାଯାଇଥିଲା । ଠାକୁର ସେବକ ନୃସିଂହ ନାଥ ସିଂହ ଛେରା ପହଁରା କରିଥିଲେ । ରଥଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମାଜିଷ୍ଟ୍ରେଟଙ୍କ ସହ ଏଠାରେ ନନ୍ଦିପଦା ପୁଲିସ ଉପସ୍ଥିତ ଥିବାବେଳେ ଟାଟା ପାଓ୍ୱାରର ବିଦ୍ୟୁତ୍ କର୍ମଚାରୀମାନେ ରଥ ଟଣା ପାଇଁ ବିଭାଗୀୟ ସହଯୋଗ ଯୋଗାଇଥିଲେ । ବିଳମ୍ବିତ ସନ୍ଧ୍ୟାରେ ମାଉସୀ ମା ମନ୍ଦିରରେ ରଥ ପହଞ୍ଚିଥିବା ସୂଚନା ମିଳିଛି ।

# ରଣପୁର ଘୋଷଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ



ରଣପୁର, (ମହାଭାରତ) : ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଦାବି କରାଯାଉଥିବା ନୟାଗଡ଼ ଜିଲ୍ଲା ରଣପୁରରେ ରାଜ ରାଜୁଡା ଅମଳରୁ ଘୋଷଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ଚଳିତବର୍ଷ ଘୋଷଯାତ୍ରାର ଆଦ୍ୟ ଶ୍ରୀଗୁଣ୍ଡିଚା ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ସକାଳୁ ଅବକାଶ/ ବଲ୍ଲଭ ପରେ ରାଜ ପୁରୋହିତ ପଣ୍ଡିତ ବଳଭଦ୍ର ଷଡ଼ଙ୍ଗୀଙ୍କ ପୌରହିତ୍ୟରେ କର୍ତ୍ତା ଅବସରପ୍ରାପ୍ତ ଖାଉଟି ଅଦାଲତ ବିଚାରପତି ନାରାୟଣ ମହାପାତ୍ର ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ପ୍ରତିଷ୍ଠା କରିଥିଲେ । ସକାଳ ଧୂପ ,ଭଅଣ୍ଡ ଓ ମଙ୍ଗଳାର୍ପଣ କରାଯାଇଥିଲା । ତିନି ଠାକୁରଙ୍କୁ ଧାଡ଼ି ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା । ପୂର୍ବରୁ ନିମନ୍ତ୍ରିତ ହୋଇଥିବା ରଣପୁର ରାଜା ଦିଲ୍ଲୀପ ଚନ୍ଦ୍ର ସିଂ ଦେଓ ଛତିଶା ନିଯୋଗରେ ତିନି ରଥ ଛେରାପହଁରା କରିଥିଲେ । ବାଚସ୍ପତି ସୁରମା ପାଢୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି, ରଣପୁର ବ୍ଲକ୍ ଅଧକ୍ଷା ନିର୍ମଳା ବେହେରା, ଭାଜପା ଜିଲ୍ଲା ସଭାପତି ତାପସ ରଂଜନ ମାର୍ଥା, ପରେଶ ମିଶ୍ର,ନିର୍ମଳ ମତ୍ତଗଜ ସିଂ, ଜୟନ୍ତ ନାୟକ, ଗଣେଶ୍ୱର ମାନ୍ଧାତା ଆଦି ବହୁ ବ୍ୟକ୍ତି ଯୋଗଦେଇ ଘୋଷଯାତ୍ରା ଶୃଙ୍ଖଳା ରେ ସହଯୋଗ କରିଥିଲେ । ଦେବୋତ୍ତର ଅଧିକାରୀ ତଥା ସ୍ଥାନୀୟ ତହସିଲଦାର ଡ଼ଃ ଆର୍ଯ୍ୟ କୁମାର ସର୍ବଦମନ, ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର,ଅନ୍ୟତମ ଅତିରିକ୍ତ ତହସିଲଦାର ବିଜୟ କୁମାର ବାରିକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ସହଯୋଗ କରିଥିଲେ । ଲକ୍ଷାଧିକ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡରେ ଅଗ୍ନୀଶମ ବାହିନୀ ତରଫରୁ ଜଳ ସିଞ୍ଚନ କରାଯାଇଥିଲା । ଶ୍ରଦ୍ଧାଳୁମାନେ ତାଳଧ୍ୱଜ ରଥକୁ ରଥଖଳାରୁ ଗୁଣ୍ଡିଚା ମନ୍ଦିର ଖଳାକୁ ଟାଣି ନେଇଥିଲେ । ସନ୍ଧ୍ୟା ହେବାରୁ ରଥଟଣା ବନ୍ଦ ହୋଇଯାଇଥିଲା । ନନ୍ଦିଘୋଷ ଓ ଦେବଦଳନ ରଥ ରଥଖଳାରେ ଅଟକି ରହିଥିବା ଜଣାପଡିଛି । ସେବାୟତମାନେ ନିତି କାନ୍ତିର ସହ କାର୍ଯ୍ୟ ସମ୍ପାଦନ କରିଥିଲେ । ମନ୍ଦିର ପରିଚାଳକ ରମେଶ ଚନ୍ଦ୍ର ପ୍ରଧାନ ଅସୁସ୍ଥ ଥିଲେ ମଧ୍ୟ ଘୋଷଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ପୋଲିସ୍ ବାହିନୀ ଶୃଙ୍ଖଳା ରକ୍ଷା କରିଥିଲେ । ଭକ୍ତମାନେ ଠାକୁର ଦର୍ଶନ, ଚଟପଟି ଖାଦ୍ୟର ମଜ୍ଜା ସହ ଯାତ୍ରାରୁ ଘରକରଣା ଜିନିଷ କ୍ରୟ କରିଥିଲେ । ସେହିଭଳି ଭାବରେ ରାଜ ସୁନାଖଳାରେ ମଧ୍ୟ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ରଥଟଣା ଶୋଭାଯାତ୍ରା ବେଳେ ଅଘଟଣ, ଡିଜେ ଗାଡ଼ି ଓଲଟି ଜଣେ ନାବାଳକର ମୃତ୍ୟୁ



ଭଦ୍ରକ, (ମହାଭାରତ) : ରଥଟଣା ଶୋଭାଯାତ୍ରା ବେଳେ ଅଘଟଣ । ଡିଜେ ଗାଡ଼ି ଓଲଟି ଜଣେ ନାବାଳକର ମୃତ ଦୁଇ ଆହତ । ଏଭଳି ଦୁଃଖଦ ଘଟଣା ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତସ୍ଥିତ ଅନହରପୁର ଠାରେ ଘଟିଥିବା ଜଣାପଡିଛି । ମୃତ ବାଳକ ହେଉଛନ୍ତି ଅନହରପୁର ଗ୍ରାମର । ସୂଚନା ଅନୁସାରେ ଗତ କାଲି ରାତିରେ ଅନହରପୁର ଠାରେ ରଥଯାତ୍ରା ପାଇଁ ଶୋଭାଯାତ୍ରା ଚାଲିଥିଲା । ଏଥିରେ ଡିଜେ ସାମିଲ ହୋଇଥିଲା । ରାସ୍ତାରେ ଖାଲ ଥିବା ବେଳେ ସେହି ସ୍ଥାନରେ ଡିଜେ ବୁଲିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ନିକଟରେ ଛିଡ଼ା ହୋଇଥିବା ସ୍ଥାନୀୟ ଅଞ୍ଚଳର କିଶୋର ରାଉତଙ୍କ ପୁଅଙ୍କ ଉପରେ ଡିଜେ ଓଲଟି ପଡିଥିଲା ବେଳେ ସେ ତଳେ ରହିଯାଇଥିଲେ ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଡିଜେ ତଳେ ଆଉ ଦୁଇ ଜଣ ଲୋକ ଚାପି ହୋଇ ଆହତ ହୋଇଛନ୍ତି । ଘଟଣା ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଧାମନଗର ଥାନା ଅଧିକାରୀ ଗୋପାଳକୃଷ୍ଣ ଜେନାଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଏହି ଅଘଟଣ ପରେ ଅନହରପୁର ଅଞ୍ଚଳରେ ଏକ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଛି ।

## ଦେଶୀ ମଦ ବୋଝେଇ ଗାଡି ଜବତ, ୩ ଫେରାର

ସୋରୋ, (ମହାଭାରତ) : ଗ୍ରାମବାସୀ ଗୋଡେଇ ଗୋଡେଇ ଧରିଲେ ମଦ ଗାଡି । ଗାଡ଼ିରୁ ବାହାରିଲା ବିପୁଳ ପରିମାଣର ଦେଶୀ ମଦ । ଗାଡିକୁ ଭାଙ୍ଗିବା ସହ ଓଲଟାଇ ଦେଇ ରାଗ ସୁଝାଇଲେ ଲୋକେ । ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଚନ୍ଦ୍ରପଡ଼ା ଅଞ୍ଚଳରେ ଏକ ଦେଶୀ ମଦ ବୋଝେଇ ଗାଡ଼ିକୁ ଗ୍ରାମବାସୀମାନେ ଗୋଡ଼ାଇ ଗୋଡ଼ାଇ ଧରିଥିଲେ । କିଛି ମାସ ପୂର୍ବରୁ ଏହି ମଦ ବୋଝେଇ ଗାଡିଟି ଦୁଇ ଜଣ ଯୁବକଙ୍କୁ ଦୁର୍ଘଟଣା କରି ମାରିଦେଇଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଉକ୍ତ ମଦ ବୋଝେଇ ଗାଡିଟି ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିବା ପରେ ଗାଡ଼ି ଭଙ୍ଗାରୁଜା କରିବା ସହ ଗାଡିଟିକୁ ଓଲଟାଇ ଦେଇଥିଲେ । ଘଟଣାସ୍ଥଳରେ ଉତ୍ତେଜନା ଲାଗିଥିବା ବେଳେ ଖବର ପାଇ ସିମୁଳିଆ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଉକ୍ତ ମଦ ଗାଡିରୁ ଏକ ହଜାରରୁ ଅଧିକ ମଦ ବୋତଲ ଥିବା ସୂଚନା ମିଳିଛି । ସିମୁଳିଆ ପୋଲିସ ଗାଡିଟିକୁ ଉଦ୍ଧାର କରି ଥାନାକୁ ଆଣିଥିବା ବେଳେ ଗାଡ଼ିରେ ଥିବା ୩ଜଣ ଯୁବକ ଖସି ପଳାଇ ଯାଇଛନ୍ତି । ତେବେ ସିମୁଳିଆ ପୋଲିସ ଏବଂ ଅବକାରୀ ବିଭାଗ ଅଧିକାରୀ ଏହା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା ।



## ରାଜରାସ୍ତାରେ ଦର୍ଶନ ଦେଲେ ତିନି ଠାକୁର

ଭବାନୀପାଟଣା, (ମହାଭାରତ) : ଆଜି ପବିତ୍ର ଗୁଣ୍ଡିଚା ଯାତ୍ରା ଅବସରରେ ଭବାନୀପାଟଣାର ରାଜ ରାସ୍ତାରେ ତିନି ଠାକୁର ଭକ୍ତଙ୍କୁ ଦର୍ଶନ ଦେଲେ । ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ସହରର ରାସ୍ତାଘାଟ ଲୋକାରଣ୍ୟ ହେଇପଡ଼ିଥିଲା । ଅପରାହ୍ନ ପ୍ରାୟ ୩ ଟା ୩୦ ମିନିଟ ସମୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପହଣ୍ଡି ବିଜେ ପରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଛେରା ପହଁରା କରିଥିଲେ । ପରେ ରଥଟଣା ଆରମ୍ଭ ହେଇଥିଲା । ଜିଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ସମେତ ପୁଲିସ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ରହି ରଥଟଣା ପରିଚାଳନା କରିଥିଲେ । ସନ୍ଧ୍ୟା ସୁଦ୍ଧା ମା ମାଣିକେଶ୍ୱରୀଙ୍କ ମନ୍ଦିର ନିକଟରେ ରଥ ପହଞ୍ଚିଥିଲା । ଆସନ୍ତାକାଲି ତିନି ଠାକୁରଙ୍କୁ ମାଉସୀ ମାଁ ମନ୍ଦିରକୁ ନେବାର ବିଧି ରହିଛି । ସେହିଭଳି ସ୍ଥାନୀୟ ବାଲାଜୀ ମନ୍ଦିରରେ ପହଣ୍ଡି ବିଜେ ଏବଂ ଛେରା ପହଁରା ପରେ ରଥଟଣା ଆରମ୍ଭ ହେଇଥିଲା । ବାଲାଜୀ ମନ୍ଦିରରୁ ଜେଲଖାନା ଛକ ନିକଟ ହନୁମାନ ମନ୍ଦିର ପରିସରରେ ଥିବା ମାଉସୀ ମାଁ ମନ୍ଦିର ଯାଏଁ ରଥ ଟଣା ହେଇଥିଲା । ଇରିଗେସନ୍ କଲୋନୀ ଛକ ଜଗନ୍ନାଥ ମନ୍ଦିରରେ ମହା ସମାରୋହରେ ରଥଯାତ୍ରା ପାଳନ କରାଯାଇଥିଲା । ପୁରୁଣାପଡ଼ାରେ ମଧ ବିଧିମତେ ପୂଜାର୍ଚ୍ଚନା ପରେ ତିନି ଠାକୁରଙ୍କ ରଥ ଟଣା ଯାଇଥିଲା । ସହରର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳନ ହେଉଥିବାରୁ ସମଗ୍ର ସହର ଲୋକାରଣ୍ୟ ହେଇ ପଡ଼ିଥିଲା ।

## ଶୃଙ୍ଖଳିତ ଭାବେ ଶେଷ ହେଲା ଅଁଟାଳି ଜଗନ୍ନାଥଙ୍କ ଘୋଷଯାତ୍ରା



ଆଠଗଡ଼, (ମହାଭାରତ) :ଆଠଗଡ଼ର ଆରାଧ୍ୟ ପ୍ରଭୁ ଶ୍ରୀ ଅଁଟାଳି ଜଗନ୍ନାଥ ଦେବଙ୍କ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ନିର୍ଦ୍ଧାରିତ ସମୟରେ ଶେଷ ହୋଇଛି । ପାଗ ଅନୁକୁଳ ଥିବାରୁ ପ୍ରାୟ ୩୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା । ଅଁଟାଳି ଜଗନ୍ନାଥ ଦେବଙ୍କ ବଡରଥକୁ ସବୁବର୍ଗର ଶ୍ରଦ୍ଧାଳୁ ଏବଂ ଜଗନ୍ନାଥ ବଲ୍ଲଭ ମଠର ସାନ ରଥକୁ କେବଳ ମହିଳାମାନେ ଆନନ୍ଦ ଉଲ୍ଲାସ ମଧ୍ୟରେ ଟାଣି ନେଇଥିଲେ । ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଶ୍ରୀ ଜୀଉଙ୍କର ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହୋଇ ଅପରାହ୍ନ ୧୨.୩୦ମି ସୁଦ୍ଧା ରଥ ପ୍ରତିଷ୍ଠା ଏବଂ ୩.୩୦ମି ସୁଦ୍ଧା ପହଣ୍ଡି ବିଜେ କରାଯାଇଥିଲା । ଅପରାହ୍ନ ୪ଟାରେ ରାଜପୁରୋହିତ ସୁଶାନ୍ତ କୁମାର ମିଶ୍ର ଛେରାପହଁରା କରିବା ପରେ ରଥ ଟଣା ଆରମ୍ଭ ହୋଇ ସନ୍ଧ୍ୟା ପୂର୍ବରୁ ପୁରୁଣା ବସଷ୍ଟାଣ୍ଡସ୍ଥିତ ଗୁଣ୍ଡିଚା ମନ୍ଦିର ରଥ ଖଳାରେ ପହଞ୍ଚି ଯାଇଥିଲା । ପ୍ରତ୍ୟୁଷରୁ ଅଁଟାଳି ଜଗନ୍ନାଥ ଦେବଙ୍କର ସମସ୍ତ ପାରମ୍ପରିକ ନୀତି ରାଜ ପୁରୋହିତ ଶ୍ରୀ ମିଶ୍ର ସଂପନ୍ନ କରିଥିବାବେଳେ ଏହି ସମସ୍ତ ପୂଜାନୀତି କାର୍ଯ୍ୟକ୍ରମ ପରିଚାଳନାରେ ବଡପଣ୍ଡା ଶରତ କୁମାର ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ସ୍ୱାଗତ କୁମାର ପଣ୍ଡା, ଗୌତମ ପଣ୍ଡାଙ୍କ ସମେତ ସମସ୍ତ ସେବାୟତ ସହଯୋଗ କରିବାରୁ ସମୟ ନିର୍ଘଣ୍ଟ ମଧ୍ୟରେ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା । ସଂକୀର୍ତ୍ତନ ମହାମଣ୍ଡଳ ସଭାପତି ଅଜୟ କୁମାର ଦାସଙ୍କ ନେତୃତ୍ୱରେ ରଥ ସମ୍ମୁଖରେ ୨୮ ମଣ୍ଡଳ ସଂକୀର୍ତ୍ତନ ପରିବେଷଣ କରିଥିଲେ । ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରଥ ଯାତ୍ରା ପରିଚାଳନାରେ ବିଭାଗୀୟ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡାଙ୍କ ସମେତ ଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଇଆଇସି ସୁମତି ମହାନ୍ତିଙ୍କ ନେତୃତ୍ୱରେ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହୋଇଥିଲେ ।

## ଫିଲିଫାଇନ୍ସରେ ଭୂକମ୍ପ ଅନୁଭୂତ, ତୀବ୍ରତା ୬.୦

ଫିଲିଫାଇନ୍ସ ମିଡାନାଓରେ ଭୂକମ୍ପର ଝଟକା ଅନୁଭୂତ । ଶନିବାର ୪.୩୭ରେ ତୀବ୍ରତା ୬.୦ ଥିଲା । ଭୂକମ୍ପର କେନ୍ଦ୍ରସ୍ଥଳର ଗଭୀରତା ୧୦୫ କିଲୋମିଟର ଥିଲା । କିନ୍ତୁ ଏପର୍ଯ୍ୟନ୍ତ କ୍ଷୟକ୍ଷତିର ସୂଚନା ମିଳିନାହିଁ ।

ସୂଚନାନୁଯାୟୀ, ଭୂକମ୍ପର ଝଟକା ମିଡାନାଓ ବ୍ୟତୀତ ଆଖପାଖ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା । ଫଳରେ ଲୋକେ ଭୟରେ ଘରୁ ଦୌଡିଥିଲେ । କିନ୍ତୁ ଏଥିରେ କୌଣସି ଜୀବନହାନି ଘଟିନାହିଁ । ସୁନାମୀ ଏବଂ ଅନ୍ୟାନ୍ୟ କୌଣସି ସତର୍କତା ଘଉଝ ଜାରି କରିନାହିଁ । ଅନ୍ୟପଟେ, ଲଗାତାର ୫ ଦିନ ଧରି ଭୂକମ୍ପରେ ଆଲବାନିଆ ଥରି ଉଠୁଛି । ସେଥିରୁ ୩ ଦିନ ଲୋକଙ୍କ ଆତଙ୍କ ଏବଂ ଭୟ ସୃଷ୍ଟି କରିଛି । ମଙ୍ଗଳବାର ସକାଳ ପ୍ରାୟ ୫:୦୫ ସମୟରେ ପ୍ରଥମ ଭୂମିକମ୍ପ ଅନୁଭୂତ ହୋଇଥିଲା, ଯାହାର ତୀବ୍ରତା ୪.୪ ଥିଲା । ଏହାର କେନ୍ଦ୍ରସ୍ଥଳ ତିରାନାରୁ ପ୍ରାୟ ୧୬ କିଲୋମିଟର ଉତ୍ତର-ପଶ୍ଚିମରେ କୁଜା ନିକଟରେ ଥିଲା ।

## ମଙ୍ଗୋଲିଆରେ ବ୍ୟାପୁଛି ମିଳିମିଳା

ମଙ୍ଗୋଲିଆ : ମଙ୍ଗୋଲିଆରେ ଆଜି ଗୋଟିଏ ଦିନରେ ୨୦୦ରୁ ଅଧିକ ନୂଆ ମିଳିମିଳା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନ୍ୟାସନାଲ ସେଣ୍ଟର ଫର କମ୍ୟୁନିକେବଲ୍ ଡିଜିଜେସ୍ ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ଦଶ ହଜାରରୁ ଅଧିକ ଲୋକ ମିଳିମିଳାରେ ସଂକ୍ରମିତ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ ସ୍କୁଲ୍ ପିଲା ଓ ସେମାନଙ୍କୁ କେବଳ ଗୋଟିଏ ଟୀକା ଦିଆଯାଇଥିଲା।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ମିଳିମିଳା ଏକ ଭାଇରସ ଦ୍ୱାରା ହେଉଥିବା ଏକ ଅତ୍ୟନ୍ତ ସଂକ୍ରାମକ ରୋଗ। ସଂକ୍ରମିତ ବ୍ୟକ୍ତି ନିଶ୍ୱାସ ନେବା, କାଶିବା କିମ୍ବା ଛିଙ୍କିବା ସମୟରେ ଏହା ସହଜରେ ବ୍ୟାପିଥାଏ। ଏହା ଗୁରୁତର ରୋଗ, ଜଟିଳତା ଏବଂ ମୃତ୍ୟୁ ମଧ୍ୟ ସୃଷ୍ଟି କରିପାରେ। ମିଳିମିଳା ଯେକୌଣସି ବ୍ୟକ୍ତିଙ୍କୁ ପ୍ରଭାବିତ କରିପାରେ କିନ୍ତୁ ଏହା ପିଲାମାନଙ୍କଠାରେ ସବୁଠାରୁ ସାଧାରଣ। ଆକଳନ ଅନୁଯାୟୀ, ଟୀକା ଉପଲବ୍ଧତା ସତ୍ତ୍ୱେ ୨୦୨୩ ମସିହାରେ ମିଳିମିଳା ରୋଗରେ ପ୍ରାୟତଃ ପାଞ୍ଚ ବର୍ଷରୁ କମ୍ ବୟସର ପିଲାଙ୍କର ମୃତ୍ୟୁ ହୋଇଥିଲା।

## ଖାମଖିଆଲି ମନ୍ତବ୍ୟ ପାଇଁ ଆମେରିକା ରାଷ୍ଟ୍ରପତିଙ୍କୁ କଡ଼ା ନିନ୍ଦା କଲା ଜାପାନ



ଆମେରିକା : ଇରାନ ଉପରେ ଆମେରିକୀୟ ବିମାନ ଆକ୍ରମଣକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିରୋସିମା ଏବଂ ନାଗାସାକି ପରମାଣୁ ବୋମା ମାଡ଼ ସହିତ ତୁଳନା କରିଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କଡ଼ା ନିନ୍ଦା କରିଛି ଜାପାନ। ୧୯୪୫ ମସିହାରେ ଦୁଇଟି ଜାପାନୀ ସହର ଉପରେ ଆମେରିକା ପରମାଣୁ ବୋମା ପକାଇବା ସମୟରେ ପ୍ରାୟ ଏକ ଲକ୍ଷ ୪୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିଲା। ନାଗାସାକିର ମେୟର ଶିରୋ ସୁଜୁକି କହିଛନ୍ତି ଯେ ଟ୍ରମ୍ପଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦ ଏବଂ ଏହାକୁ ପରମାଣୁ ଅସ୍ତ୍ର ବ୍ୟବହାରକୁ ଯଥାର୍ଥ ବୋଲି ଦେଖାଯାଇପାରେ। ଅନେକ ବଞ୍ଚିଥିବା ଲୋକଙ୍କ ଦ୍ୱାରା ଟ୍ରମ୍ପଙ୍କ ମନ୍ତବ୍ୟକୁ ଗ୍ରହଣୀୟ ନୁହେଁ ବୋଲି କୁହାଯାଇଥିଲା। ଗତକାଲି ବଞ୍ଚିଥିବା ଲୋକମାନେ ହିରୋସିମାରେ ଏକ ପ୍ରତିବାଦ କରିଥିଲେ, ଟ୍ରମ୍ପଙ୍କୁ ତାଙ୍କ ମନ୍ତବ୍ୟ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ।

## ଦୁଷ୍କର୍ମ ମାମଲାରେ ଆଶାରାମଙ୍କୁ ଗୁଜରାଟ ହାଇକୋର୍ଟରୁ ଆଶ୍ୱସ୍ତି

ଅହମଦାବାଦ: ୨୦୧୩ରେ ପଞ୍ଜିକୃତ ଦୁଷ୍କର୍ମ ମାମଲାରେ ଗୁଜରାଟ ହାଇକୋର୍ଟ ଆଶାରାମଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ହାଇକୋର୍ଟ ତାଙ୍କ ଅସ୍ଥାୟୀ ଜାମିନକୁ ଜୁଲାଇ ୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ମାମଲାରେ ଆଶାରାମ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ସେ ଚିକିତ୍ସା ଆଧାରରେ ଜାମିନରେ ଅଛନ୍ତି। ଜଷ୍ଟିସ ଇଲେଶ ଭୋରା ଏବଂ ଜଷ୍ଟିସ ସନ୍ଦୀପ ଭଟ୍ଟଙ୍କ ଖଣ୍ଡପୀଠ ଆଶାରାମଙ୍କ ଜାମିନ ଅବଧି ବୃଦ୍ଧି କରିଛନ୍ତି, ଯଦ୍ୱାରା ତାଙ୍କ ଓକିଲ ଆବେଦନ ସମ୍ପର୍କରେ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରିପାରିବେ। ହାଇକୋର୍ଟ କହିଛନ୍ତି, ଜୁଲାଇ ୨ରେ ମାମଲାର ଶୁଣାଣି ହେବ। ଏହା ପୂର୍ବରୁ ହାଇକୋର୍ଟ ମାର୍ଚ୍ଚ ୨୮ରେ ଦିଆଯାଇଥିବା ଅସ୍ଥାୟୀ ଜାମିନକୁ ତିନି ମାସ ପାଇଁ ବୃଦ୍ଧି କରିଥିଲେ, ଯାହା ଜୁନ୍ ୩୦ରେ ଶେଷ ହେଉଛି। ୨୦୨୩ ମସିହ ଜାନୁଆରୀ ମାସରେ ଗାନ୍ଧୀନଗରର ଏକ ଅଦାଲତ ଏକ ଦୁଷ୍କର୍ମ ମାମଲାରେ ଆଶାରାମଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ୨୦୧୩ରେ ରାଜସ୍ଥାନସ୍ଥିତ ତାଙ୍କ ଆଶ୍ରମରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମର ଅନ୍ୟ ଏକ ମାମଲାରେ ମଧ୍ୟ ଆଶାରାମ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ବର୍ତ୍ତମାନର ମାମଲାରେ ତାଙ୍କୁ ସୁରଟର ଜଣେ ମହିଳା ଅନୁଗାମୀଙ୍କ ସହ ୨୦୦୧ରୁ ୨୦୦୬ ମଧ୍ୟରେ ଅନେକ ଥର ଦୁଷ୍କର୍ମ କରିବାକୁ ନେଇ ଦୋଷୀ ସାବ୍ୟସ୍ତ କରାଯାଇଥିଲା।



# ଆଇନ କଲେଜ ଭିତରେ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ, ୩ ଗିରଫ





କୋଲକାତା : ଶିକ୍ଷାନୁଷ୍ଠାନ ଭଳି ପବିତ୍ର ସ୍ଥାନରେ ଘଟିଛି ଭୟଙ୍କର ଓ ଲଜ୍ଜାଜନକ ଘଟଣା। ଦକ୍ଷିଣ କୋଲକାତାର କାସବା ଠାରେ ଥିବା ଗୋଟିଏ ଆଇନ ମହାବିଦ୍ୟାଳୟ ଭିତରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ଦକ୍ଷିଣ କ୍ୟାଲକାଟା ଆଇନ କଲେଜର ଗଣଦୁଷ୍କର୍ମ ଘଟଣାରେ ପୁଲିସ୍ ୩ ଜଣଙ୍କୁ ଗିରଫ କରି ୫ ଦିନିଆ ରିମାଣ୍ଡରେ ନେଇଛି। ଗିରଫ ୩ ଜଣଙ୍କ ମଧ୍ୟରେ ୨ ଜଣ କଲେଜର ଛାତ୍ର ହୋଇଥିବା ବେଳେ ଆଉ ଜଣେ ପୂର୍ବତନ ଛାତ୍ର। ଘଟଣାଟି ଜୁନ ୨୫ ତାରିଖ ସନ୍ଧ୍ୟା ୭.୩୦ରୁ ୧୦.୫୦ ମଧ୍ୟରେ କଲେଜ ପରିସରରେ ହିଁ ଘଟିଥିଲା। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ କାସବା ପୁଲିସ୍ ଷ୍ଟେସନରେ ଏଫଆଇଆର ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ପୁଲିସ୍ ପ୍ରାଥମିକ ଭାବେ ୩୧ ବର୍ଷୀୟ ମନଜିତ ମିଶ୍ରା, ୧୯ ବର୍ଷୀୟ ଜୈବ ଅହମଦ ଓ ୨୦ ବର୍ଷୀୟ ପରମିତ ମୁଖାର୍ଜୀଙ୍କୁ ଗିରଫ କରିଛି। ମନଜିତ ମିଶ୍ର ହେଉଛନ୍ତି କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି। ଘଟଣା ଜୁନ ୨୫ରେ ଘଟିଥିବା ବେଳେ ପୁଲିସ ଜୁନ ୨୬ ତାରିଖ ସନ୍ଧ୍ୟାରେ ମନଜିତ ଓ ଅହମଦଙ୍କୁ ଗିରଫ କରିଥିଲା। ଏମାନଙ୍କୁ କୋଲକାତାର ତଲବାଗନ କ୍ରସିଂ ନିକଟ ସିଦ୍ଧାର୍ଥ ଶଙ୍କର ଶିଶୁ ରୟ ଉଦ୍ୟାନ ନିକଟରୁ ଗିରଫ କରାଯାଇଥିଲା। ଗିରଫ ବେଳେ ପୁଲିସ ଉଭୟଙ୍କ ମୋବାଇଲ ଫୋନ ଜବତ କରିଥିଲା। ଏହାପରେ ଜୁନ ୨୭ ତାରିଖ ମଧ୍ୟାହ୍ନ ୧୨.୩୦ରେ ତୃତୀୟ ଅଭିଯୁକ୍ତ ମୁଖାର୍ଜୀଙ୍କୁ ତାଙ୍କ ଘରକୁ ଗିରଫ କରିବା ସହ ପୁଲିସ୍ ତାଙ୍କ ମୋବାଇଲକୁ ମଧ୍ୟ ଜବତ କରିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ପୂରା ଘଟଣା କଲେଜ ବିଲଡିଂରେ ହିଁ ଘଟିଛି। ପ୍ରାଥମିକ ଭାବେ ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଛି ଓ ଅନେକ ସାକ୍ଷୀଙ୍କ ବୟାନକୁ ରେକର୍ଡ କରିଛି। ଘଟଣା ଘଟିଥିବା ସ୍ଥାନକୁ ପୁଲିସ୍ ସିଲ୍? କରିଛି ଓ ଫରେନ୍ସିକ ଯାଞ୍ଚର ରିପୋର୍ଟକୁ ଅପେକ୍ଷା କରିଛି। ଗିରଫ ପରେ ସମସ୍ତ ୩ ଅଭିଯୁକ୍ତଙ୍କୁ ଅଲିପୋରା କୋର୍ଟରେ ହାଜର କରାଯାଇଥିଲା। ପୁଲିସ୍ ସେମାନଙ୍କୁ ୧୪ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲେ ହେଁ କୋର୍ଟ ୫ ଦିନର ଜେରା ପାଇଁ ଅନୁମତି ଦେଇଛନ୍ତି।

## ପ୍ରତି ପରିବାରକୁ ୧୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା

ରାଞ୍ଚି :ଝାଡ଼ଖଣ୍ଡ ଜନସାଧାରଣ ଚିକିତ୍ସା ସେବା ପାଇବାରେ ଆଉ ଅର୍ଥ ବାଧକ ହେବ ନାହିଁ। ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା'ରେ ପ୍ରତିବର୍ଷ ଯୋଗ୍ୟ ପରିବାରକୁ ୧୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଯୋଗାଇ ଦିଆଯିବ। ଏହି ଯୋଜନା ଝାଡ଼ଖଣ୍ଡ ଜନସାଧାରଣଙ୍କୁ ଗୁଣବତ୍ତାପୂର୍ଣ୍ଣ ଓ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ। ଏହାଦ୍ୱାରା ୬୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ପରିବାର ଉପକୃତ ହେବେ। ସେମାନେ ମାଗଣାରେ ସରକାରୀ ଏବଂ ଘରୋଇ ହସ୍ପିଟାଲରେ ସାଧାରଣରୁ ଗମ୍ଭୀର ରୋଗର ଚିକିତ୍ସା ସୁବିଧା ପାଇବେ। ଲାଲ୍?, ହଳଦିଆ ଏବଂ ସବୁଜ ରାଶନ କାର୍ଡଧାରୀ ଏଥିପାଇଁ ଆବେଦନ କରିପାରିବେ। ଘରେ ବସି ସେମାନେ ପୋର୍ଟାଲ ଲଗ୍‌ଅନ୍ କରି ସ୍ୱାସ୍ଥ୍ୟବୀମା କାର୍ଡ ହାସଲ କରିବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କହିଛନ୍ତି।

## ବିଚ୍ ରାସ୍ତାରେ ଗ୍ୟାଙ୍ଗଷ୍ଟରର ମା' ଓ ସହଯୋଗୀଙ୍କୁ ଗୁଳି କରି ହତ୍ୟା





ବିଚ୍ ରାସ୍ତାରେ ହୋଇଛି ଗୁଳିମାଡ଼। କାରରେ ବସିଥିବା ଜଣେ ମହିଳା ଓ ତାଙ୍କ ସହଯୋଗୀଙ୍କୁ ଦୁଇ ଜଣ ବ୍ୟକ୍ତି ବାଇକରେ ଆସି ଗୁଳି କରିଛନ୍ତି। ଗୁଳିମାଡ଼ ଯୋଗୁ ଘଟଣା ସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଛି। ପଞ୍ଜାବର ବାଟଲାର ବିଚ ରାସ୍ତାରେ ଏପରି ଘଟଣା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରାଣ ହରାଇଥିବା ମହିଳା ଜଣଙ୍କ ହେଲେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ଜଗୁ ଭଗବାନପୁରିଆର ମା'। ଜଗୁ ଏବେ ଜେଲରେ ରହିଛି। କିନ୍ତୁ ଏବେ ତା'ର ମା'ଙ୍କୁ ହତ୍ୟା କରାଯାଇଛି। ପୁଲିସ୍ କହିଛି ଯେ ଜଗୁର ମା' ହରଜିତ କୌର ଗୁରୁବାର ରାତି ୯.୩୦ରେ ଗୁଳି ମାଡ଼ କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଓ ତାଙ୍କ ସହ ଥିବା ବ୍ୟକ୍ତିଙ୍କୁ ଅମୃତସର ହସ୍ପିଟାଲକୁ ସ୍ଥାନନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଛି। ବାଟଲାର ଡିଏସ୍‌ପି ପରମବୀର ସିଂହ କହିଛନ୍ତି, ପୂରା ଘଟଣା ସିଭିଲ ଲାଇନ୍ସ ଅଞ୍ଚଳରେ ଥିବା କ୍ୱାଡିଆନ ରୋଡରେ ଘଟିଛି। ହରଜିତ କୌର ଓ ତାଙ୍କ ସହଯୋଗୀ କରନବୀର ସିଂହ କାରରେ ରହିଥିବା ବେଳେ ହଠାତ ଦୁଇ ଜଣ ବ୍ୟକ୍ତି ବାଇକ ଯୋଗେ ଆସିଥିଲେ। ଏହାପରେ ସେମାନେ ହରଜିତ ଓ କରନବୀରଙ୍କ ଉପରକୁ ଏକାଧିକ ରାଉଣ୍ଡ ଗୁଳି ଚଳାଇଥିଲେ। ବାଟଲା ସିଭିଲ ହସ୍ପିଟାଲରେ କରନବୀରଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ଚିକିତ୍ସାଧୀନ ଅବସ୍ଥାରେ ହରଜିତ ମଧ୍ୟ ଆଖି ବୁଜିଛନ୍ତି। ଗୁଳି ମାଡ଼ ପରେ ଆକ୍ରମଣୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି। ଏଥିପାଇଁ ଏକାଧିକ ଟିମ ଗଠନ କରାଯାଇଛି ବୋଲି ସେ କହିଛନ୍ତି।

## ଅହମଦାବାଦ-ପୁରୀ ଟ୍ରେନରେ ଲାଗିଲା ନିଆଁ : ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପୁରୀ- ଅହମଦାବାଦ ଟ୍ରେନରେ ଲାଗିଲା ନିଆଁ । ଅଳ୍ପକେ ବର୍ତ୍ତିଲେ ଯାତ୍ରୀ । କେସିଙ୍ଗା ଷ୍ଟେସନରେ ଅହମଦାବାଦ -ପୁରୀ ସମ୍ପୂର୍ଣ୍ଣ ନିଆଁ ଲାଗିବାରୁ ଅଳ୍ପକେ ବର୍ତ୍ତି ଯାଇଛି । ଟ୍ରେନ ତାର ନିର୍ଦ୍ଧାରିତ ସମୟରେ ରାତି ୮ ଟା ୩୦ ବେଳକୁ ପହଞ୍ଚିଥିଲା । ହେଲେ ଏସି ୧ ବଗିରେ ନିଆଁ ଲାଗିଯିବା ଜାଣି ଯାତ୍ରୀ ଦୌଡ଼ିବା ଆରମ୍ଭ କରିଥିଲେ । ଷ୍ଟେସନରେ ଥିବା ଷ୍ଟେସନ ମାଷ୍ଟର ପ୍ରଶାନ୍ତ ଭୋଇ ଆରପିଏଫଙ୍କ ସାହାଯ୍ୟରେ ନିଆଁ ଲିଭାଇଥଲେ । ପରେ ଅଧ ଘଣ୍ଟା ବିଳମ୍ବରେ ଟ୍ରେନ ପୁରୀ ଅଭିମୁଖେ ଛାଡିଥିଲା । ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଛି ।



## ଚାଇନାକୁ ବଡ଼ ଝଟ୍‌କା ଦେଲା କାନାଡା

ଓଟାୱା, ୨୮ ।୬: କାନାଡା ଚାଇନାକୁ ଏକ ବଡ଼ ଝଟକା ଦେଇଛି। କାନାଡା ସରକାର ଏକ ବଡ଼ ଚାଇନା କମ୍ପାନୀକୁ ଦେଶରେ ସମସ୍ତ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ନି ସରକାର ଏହି ପଦକ୍ଷେପ ନେଇଛନ୍ତି। କାନାଡାର ଶିଳ୍ପ ମନ୍ତ୍ରୀ ମେଲୋନି ଜୋଲି ଶୁକ୍ରବାର କହିଛନ୍ତି, ସରକାର ଚାଇନା ନିରୀକ୍ଷଣ ଉପକରଣ ନିର୍ମାତା ହିକଭିଜନକୁ କାନାଡାରେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ଦେଶରେ କାମ କରୁଥିବା ହିକଭିଜନ ଜାତୀୟ ସୁରକ୍ଷା ପାଇଁ ବିପଦ ହେବ। କାନାଡା ସୁରକ୍ଷା ଏବଂ ଗୋଇନ୍ଦା ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ଅତୀତରେ ମଧ୍ୟ ହିକଭିଜନ ଅନେକ ଅନ୍ତର୍ଜାତୀୟ ତଦନ୍ତ ଏଜେନ୍ସିଗୁଡ଼ିକର ରାଡାରରେ ରହିଛି। ଆମେରିକା ପୂର୍ବରୁ କମ୍ପାନୀକୁ କଳା ତାଲିକାଭୁକ୍ତ କରିସାରିଛି ଏବଂ ୟୁରୋପୀୟ ୟୁନିଅନରେ ମଧ୍ୟ ଏହା ଉପରେ ଅନେକ ପ୍ରଶ୍ନ ଉଠିଛି। ଅଭିଯୋଗ ହେଉଛି ଯେ, ହିକଭିଜନର ଉତ୍ପାଦଗୁଡ଼ିକୁ ଚାଇନା ସରକାର ନିରୀକ୍ଷଣ, ମାନବାଧିକାର ଉଲ୍ଲଂଘନ ଏବଂ ଉଇଘୁର ମୁସଲମାନମାନଙ୍କ ଉପରେ ନିର୍ଯାତନା ପାଇଁ ବ୍ୟବହାର କରିଛନ୍ତି। ଏହି ପରିପ୍ରେକ୍ଷୀରେ କାନାଡାର ଏହି ପଦକ୍ଷେପ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ, କାରଣ ଏହା କେବଳ ଏକ ବୈଷୟିକ ପ୍ରତିବନ୍ଧକ ନୁହେଁ ବରଂ ଏକ କୂଟନୈତିକ ବାର୍ତ୍ତା ମଧ୍ୟ ଯେ କାନାଡା ଏହାର ଡିଜିଟାଲ ସୀମାର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଏ। କାନାଡା ଏବଂ ଚାଇନା ମଧ୍ୟରେ ସମ୍ପର୍କ ପୂର୍ବରୁ ଏକ ଖରାପ ପର୍ଯ୍ୟାୟ ଦେଇ ଗତି କରୁଛି। ହୁଆୱେଇ, ମାଇକେଲ କୋଭ୍ରିଗ ଏବଂ ମାଇକେଲ ସ୍ପାଭୋ? ଗିରଫ, ହଂକଂ ନୀତି ଏବଂ ବର୍ତ୍ତମାନ ହିକ୍ଭିଜନ ପ୍ରତିବନ୍ଧକ, ଏହି ସମସ୍ତ ଘଟଣା ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉତ୍ତେଜନାର କାରଣ ପାଲଟିଛି। ଏବେ ଦେଖିବାକୁ ବାକି ରହିଲା, ବେଜିଂ ଏହି ନିଷ୍ପତ୍ତି ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରେ। ଚାଇନା ହୁଏତ ଏହି ପଦକ୍ଷେପକୁ 'ରାଜନୈତିକ ଭାବରେ ପ୍ରେରିତ' ଏବଂ 'ପ୍ରଯୁକ୍ତିର ରାଜନୀତି' ବୋଲି କହିବ। ଏହା ବାଣିଜ୍ୟ ଏବଂ କୂଟନୈତିକ ଆଲୋଚନାକୁ ଆହୁରି ପ୍ରଭାବିତ କରିପାରେ। ଏହା ବ୍ୟତୀତ, କାନାଡା ଦେଶରେ ଚାଇନା ଭୁଲ ଏବଂ ଗୁପ୍ତ ଭାବରେ କାମ କରୁଥିବା ଅଭିଯୋଗ କରିଛି।

## ଆଇନ କଲେଜ ଭିତରେ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ, ୩ ଜଣଙ୍କୁ ବାନ୍ଧିଲା ପୁଲିସ୍ ?

କଲିକତା : ଶିକ୍ଷାନୁଷ୍ଠାନ ଭଳି ପବିତ୍ର ସ୍ଥାନରେ ଘଟିଛି ଭୟଙ୍କର ଓ ଲଜ୍ଜାଜନକ ଘଟଣା। ଦକ୍ଷିଣ କୋଲକାତାର କାସବା ଠାରେ ଥିବା ଗୋଟିଏ ଆଇନ ମହାବିଦ୍ୟାଳୟ ଭିତରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଛି। ଦକ୍ଷିଣ କ୍ୟାଲକାଟା ଆଇନ କଲେଜର ଗଣଦୁଷ୍କର୍ମ ଘଟଣାରେ ପୁଲିସ୍? ୩ ଜଣଙ୍କୁ ଗିରଫ କରି ୫ ଦିନିଆ ରିମାଣ୍ଡରେ ନେଇଛି। ଗିରଫ ୩ ଜଣଙ୍କ ମଧ୍ୟରେ ୨ ଜଣ କଲେଜର ଛାତ୍ର ହୋଇଥିବା ବେଳେ ଆଉ ଜଣେ ପୂର୍ବତନ ଛାତ୍ର। ଘଟଣାଟି ଜୁନ ୨୫ ତାରିଖ ସନ୍ଧ୍ୟା ୭.୩୦ରୁ ୧୦.୫୦ ମଧ୍ୟରେ କଲେଜ ପରିସରରେ ହିଁ ଘଟିଥିଲା। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ କାସବା ପୁଲିସ୍? ଷ୍ଟେସନରେ ଏଫଆଇଆର ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି। ପୁଲିସ୍ ପ୍ରାଥମିକ ଭାବେ ୩୧ ବର୍ଷୀୟ ମନଜିତ ମିଶ୍ରା, ୧୯ ବର୍ଷୀୟ ଜୈବ ଅହମଦ ଓ ୨୦ ବର୍ଷୀୟ ପରମିତ ମୁଖାର୍ଜୀଙ୍କୁ ଗିରଫ କରିଛି। ମନଜିତ ମିଶ୍ର ହେଉଛନ୍ତି କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି। ଘଟଣା ଜୁନ ୨୫ରେ ଘଟିଥିବା ବେଳେ ପୁଲିସ୍ ଜୁନ ୨୬ ତାରିଖ ସନ୍ଧ୍ୟାରେ ମନଜିତ ଓ ଅହମଦଙ୍କୁ ଗିରଫ କରିଥିଲା। ଏମାନଙ୍କୁ କୋଲକାତାର ତଲବାଗନ କ୍ରସିଂ ନିକଟ ସିଦ୍ଧାର୍ଥ ଶଙ୍କର ଶିଶୁ ରୟ ଉଦ୍ୟାନ ନିକଟରୁ ଗିରଫ କରାଯାଇଥିଲା। ଗିରଫ ବେଳେ ପୁଲିସ ଉଭୟଙ୍କ ମୋବାଇଲ ଫୋନ ଜବତ କରିଥିଲା। ଏହାପରେ ଜୁନ ୨୭ ତାରିଖ ମଧ୍ୟାହ୍ନ ୧୨.୩୦ରେ ତୃତୀୟ ଅଭିଯୁକ୍ତ ମୁଖାର୍ଜୀଙ୍କୁ ତାଙ୍କ ଘରକୁ ଗିରଫ କରିବା ସହ ପୁଲିସ୍? ତାଙ୍କ ମୋବାଇଲକୁ ମଧ୍ୟ ଜବତ କରିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ପୂରା ଘଟଣା କଲେଜ ବିଲଡିଂରେ ହିଁ ଘଟିଛି। ପ୍ରାଥମିକ ଭାବେ ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଛି ଓ ଅନେକ ସାକ୍ଷୀଙ୍କ ବୟାନକୁ ରେକର୍ଡ କରିଛି। ଘଟଣା ଘଟିଥିବା ସ୍ଥାନକୁ ପୁଲିସ୍ ସିଲ୍ କରିଛି ଓ ଫରେନ୍ସିକ ଯାଞ୍ଚର ରିପୋର୍ଟକୁ ଅପେକ୍ଷା କରିଛି।

## ଦୁଇ ଝିଅଙ୍କ କଲେଜ ଫି' ପାଇଁ ଯୌନ ସମ୍ପର୍କର ସିଧାପ୍ରସାରଣ କରୁଥିଲେ ଦମ୍ପତି




ସମ୍ପର୍କରେ ସ୍ୱାମୀ-ସ୍ତ୍ରୀ। ଦମ୍ପତିଙ୍କର ଦୁଇ ଜଣ କଲେଜ ପଢୁଆ ଝିଅ ମଧ୍ୟ ରହିଛନ୍ତି। କିନ୍ତୁ ଦୁଇ ଝିଅଙ୍କ କଲେଜ ଫି' ଦେବାକୁ ଦମ୍ପତି ସକ୍ଷମ ହେଉ ନଥିଲେ। ଏଥିପାଇଁ ଦମ୍ପତି ନିଜ ବ୍ୟକ୍ତିଗତ ସମ୍ପର୍କକୁ ସୋଶାଲ ମିଡିଆରେ ଭାଇରାଲ କରିବାକୁ ନିଷ୍ପତ୍ତି ନେଲେ। ଅଧିକ ଟଙ୍କା ପାଇବା ଉଦ୍ଦେଶ୍ୟରେ ସେମାନେ ନିଜର ଯୌନ ସମ୍ପର୍କର ଦୃଶ୍ୟକୁ ସିଧାପ୍ରସାରଣ କରୁଥିଲେ। ଏକଥା ଜଣାପଡ଼ିବା ପରେ ହାଇଦ୍ରାବାଦର ଏହି ଦମ୍ପତିଙ୍କୁ ପୁଲିସ୍ ଗିରଫ କରିଛି। ପୁଲିସ୍ କହିଛି ଯେ ଦମ୍ପତିଙ୍କ ଦୁଇ ଜଣ ଝିଅ ରହିଛନ୍ତି। ସେମାନେ କଲେଜରେ ପଢ଼ନ୍ତି। ଦୁଇ ଜଣ ଯାକ ଭଲ ଛାତ୍ରୀ। ସେମାନଙ୍କ ମଧ୍ୟରୁ ଜଣେ ବିଟେକ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ରୀ। ଆଉ ଜଣେ ଝିଅ ନିକଟରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୪୭୦ରୁ ୪୬୮ ନମ୍ବର ରଖିଥିଲେ। ଦୁଇ ଜଣ ଯାକ ଭଲ ପଢୁଥିଲେ ହେଁ ସେମାନଙ୍କ କଲେଜ ଫି' ଦେବା ଦମ୍ପତିଙ୍କ ପକ୍ଷରେ ସହଜ ହେଉ ନଥିଲା। ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଜେଲ୍? ଯାଇଥିଲେ ଯୁବକ, ପତ୍ନୀ ଜୀବିତ ମିଳିବା ପରେ ୫ କୋଟିର କ୍ଷତିପୂରଣ ଦାବି କଲେ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଜେଲ୍? ଯାଇଥିଲେ ଯୁବକ, ପତ୍ନୀ ଜୀବିତ ମିଳିବା ପରେ ୫ କୋଟିର କ୍ଷତିପୂରଣ ଦାବି କଲେ ସେହିପରି ଏମାନଙ୍କ ବାପା ପେଶାରେ ଜଣେ ଅଟୋ ଡ୍ରାଇଭର। ସେ ମଧ୍ୟ ବହୁବିଧ ରୋଗରେ ପୀଡ଼ିତ। ତେଣୁ ସେ ନିଜର ମେଡିକାଲ ଖର୍ଚ୍ଚ ଠିକ ଭାବେ କରି ପାରୁ ନଥିଲେ। ଏପରି ଆର୍ଥିକ ସଙ୍କଟରୁ ବର୍ତ୍ତିବା ପାଇଁ ଦମ୍ପତି ସହଜରେ ଟଙ୍କା ଆୟ କରିବାକୁ ନିଜର ଯୌନ ସମ୍ପର୍କର ଦୃଶ୍ୟକୁ ସିଧା ପ୍ରସାରଣ କରୁଥିଲେ ବୋଲି ପୁଲିସ୍? ଜାଣିବାକୁ ପାଇଛି। ପୁଲିସ୍ ଏମାନଙ୍କୁ ଗୁରୁବାର ଦିନ ଅମ୍ବରପେଟର ମଲ୍ଲିକାର୍ଜୁନ ନଗରରୁ ଗିରଫ କରିଛି। ସେମାନଙ୍କ ଘରୁ ପୁଲିସ୍ ଏକାଧିକ ହାଇ ଡେଫିନେସନ ବା ଏଚଡି କ୍ୟାମେରା ଜବତ କରିଛି।ପୁଲିସ କହିଛି ଯେ ଦମ୍ପତି ସେମାନଙ୍କ ଯୌନ ସମ୍ପର୍କର ଉଭୟ ଲାଇଭ ଓ ରେକର୍ଡ ଭିଡିଓକୁ ନିର୍ଦ୍ଦିଷ୍ଟ ଆପ୍ ବ୍ୟବହାରକାରୀଙ୍କ ପାଖକୁ ଛାଡୁଥିଲେ। ସେମାନଙ୍କ ଟାର୍ଗେଟରେ ଯୁବ ଗୋଷ୍ଠୀ ହିଁ ରହିଥିଲେ। ଗୋଟିଏ ଲାଇଭ ଭିଡିଓ ପାଇଁ ୨ ହଜାର ଟଙ୍କା ଓ ରେକର୍ଡ ଭିଡିଓ ପାଇଁ ୫୦୦ ଟଙ୍କାର ବ୍ୟବସ୍ଥା ରହିଥିଲା। ଏପରି କରି ଦମ୍ପତି ବିପୁଳ ଟଙ୍କା ଆୟ କରିବାକୁ ସକ୍ଷମ ହୋଇଥିଲେ। ଦିନ ସାରା ଗାଡ଼ି ଚଳାଇ ବ୍ୟକ୍ତି ଜଣଙ୍କ ଯେତିକି ଆୟ କରି ପାରୁ ନଥିଲେ, ତା'ଠାରୁ ଯଥେଷ୍ଟ ଅଧିକ ଟଙ୍କା ସେମାନଙ୍କୁ ଭିଡିଓ ପୋଷ୍ଟ କରି ମିଳୁଥିଲା। ନିଜ ଯୌନ ସମ୍ପର୍କର ଭିଡିଓକୁ ରେକର୍ଡ ଓ ସିଧାପ୍ରସାରଣ କରିବାକୁ ଦମ୍ପତି ଏଚଡି କ୍ୟାମେରାରର ବ୍ୟବହାର କରୁଥିଲେ। ନିଜର ପରିଚୟକୁ ଗୋପନ ରଖିବା ପାଇଁ ସେମାନେ ସବୁବେଳେ ମାସ୍କ ପରିଧାନ କରୁଥିଲେ। ତେବେ ଗୁପ୍ତ ତଥ୍ୟ ପାଇ ଇଷ୍ଟ ଜୋନ ଟାସ୍କ ଫୋର୍ସ ନିକଟରେ ଦମ୍ପତିଙ୍କ ଘରେ ରେଡ କରିଥିଲା। ଏହାପରେ ପୂରା ଘଟଣା ସାମ୍ନାକୁ ଆସିଛି। ପୁଲିସ୍ ଦମ୍ପତିଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଭିଡିଓ କିଣୁ ଥିବା ଲୋକଙ୍କୁ ମଧ୍ୟ ନୋଟିସ କରିଛି।

# ଭାରତର ୨୦୩୬ ଅଲିମ୍ପିକ୍ସ ଆଶା ସ୍ଥଗିତ

## ନୂତନ ଆଇଓସି ଅଧ୍ୟକ୍ଷ ନିଲାମ ପ୍ରକ୍ରିୟାକୁ ବନ୍ଦ କଲେ

ନୂଆଦିଲ୍ଲୀ, ୨୭।୬: ଭାରତର ୨୦୩୬ ଅଲିମ୍ପିକ୍ସ ଆୟୋଜନ କରିବାର ସ୍ୱପ୍ନକୁ ଏକ ବଡ଼ ଝଟକା ଲାଗିଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ନୂତନ ଅଧ୍ୟକ୍ଷ କିର୍ଷ୍ଟି କୋଭେଣ୍ଟ୍ରି ଅଲିମ୍ପିକ୍ସ ଆୟୋଜକ ସହର ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ଏବଂ ଏହାର ସମୀକ୍ଷା କରିବାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଭାରତର ଅହମ୍ମଦାବାଦକୁ ୨୦୩୬ ଅଲିମ୍ପିକ୍ସ ଆୟୋଜନର ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଦାବି କରିବାର ଯୋଜନାକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି।



ଆଇଓସିର ନୂତନ ଅଧ୍ୟକ୍ଷ କିର୍ଷ୍ଟି କୋଭେଣ୍ଟ୍ରି, ଯିଏ ଜିମ୍ବାରେ ପୂର୍ବତନ ଅଲିମ୍ପିଆନ ଏବଂ ଅଲିମ୍ପିକ୍ ଇତିହାସରେ ପ୍ରଥମ ଆଫ୍ରିକୀୟ ଅଧ୍ୟକ୍ଷ, ଘୋଷଣା କରିଛନ୍ତି ଯେ ଆୟୋଜକ ସହର ଚୟନ ପ୍ରକ୍ରିୟାରେ ଏକ ସମୀକ୍ଷା ଆବଶ୍ୟକ ତାଙ୍କ ମତରେ, ବର୍ତ୍ତମାନର ଚୟନ ପ୍ରଣାଳୀକୁ ଅଧିକ ସ୍ୱଚ୍ଛ ଏବଂ ନ୍ୟାୟପୂର୍ଣ୍ଣ କରିବା ପାଇଁ ଏକ କାର୍ଯ୍ୟଗୋଷ୍ଠୀ ଗଠନ କରାଯିବ। ଏହି ସମୀକ୍ଷା କେବେ ଏବଂ କିପରି ଭବିଷ୍ୟତ ଅଲିମ୍ପିକ୍ସ ଆୟୋଜକମାନଙ୍କୁ ଚୟନ କରାଯିବ ତାହା ନିର୍ଧାରଣ କରିବ।

ଏହି ଘୋଷଣା ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ଲୋଜାନେ (ଆଇଓସି ମୁଖ୍ୟାଳୟ) ପ୍ରସ୍ତାବିତ ଗସ୍ତ କିଛି ଦିନ ପୂର୍ବରୁ ଆସିଛି, ଯେଉଁଠାରେ ଭାରତ ନିଜର ପ୍ରାର୍ଥୀତା ଉପସ୍ଥାପନ କରିବାକୁ ଯାଉଥିଲା। ତେବେ, ଆଇଓସିର ଏହି ନିଷ୍ପତ୍ତି ସତ୍ତ୍ୱେ ଭାରତୀୟ ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନା ଆଗାମୀ ସପ୍ତାହରେ ଜାରି ରହିବ। ଭାରତ ଦୀର୍ଘ ଦିନ ଧରି ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଛି, ଯେଉଁଥିରେ ଗୁଜରାଟର ଅହମ୍ମଦାବାଦକୁ ପ୍ରମୁଖ ଆୟୋଜକ ସହର ଭାବେ ପ୍ରସ୍ତୁତ କରାଯାଉଛି। ଅହମ୍ମଦାବାଦରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଯେପରିକି ନରେନ୍ଦ୍ର ମୋଦି ଷ୍ଟାଡିୟମ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ପୋର୍ଟସ ଏନକ୍ଲେଭ, ଏହାର ଦାବିକୁ ମଜବୁତ କରୁଛି ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ଏବଂ କେନ୍ଦ୍ର ସରକାର ଏହି ପ୍ରସ୍ତୁତିରେ ସକ୍ରିୟ ଭାବେ ଜଡ଼ିତ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଲକ୍ଷ୍ୟକୁ ନେଇ ଅନେକ ଥର ଉତ୍ସାହଜନକ ବୟାନ ଦେଇଛନ୍ତି।

ତେବେ, ଆଇଓସିର ଏହି ନୂତନ ନିଷ୍ପତ୍ତି ଭାରତର ଯୋଜନାକୁ ଅସ୍ଥାୟୀ ଭାବେ ବାଧା ସୃଷ୍ଟି କରିଛି ଅନ୍ୟ ପ୍ରାର୍ଥୀ ଦେଶ ଯେପରିକି ସାଉଦି ଆରବ, ଇଣ୍ଡୋନେସିଆ, ଏବଂ ମେକ୍ସିକୋ ମଧ୍ୟ ୨୦୩୬ ଅଲିମ୍ପିକ୍ସ ପାଇଁ ଦାବିଦାର ଥିବାରୁ, ଚୟନ ପ୍ରକ୍ରିୟା ସ୍ଥଗିତ ହେବା ଏକ ଅଧିକ ପ୍ରତିଯୋଗିତାମୂଳକ ପରିସ୍ଥିତି ସୃଷ୍ଟି କରିପାରେ। ଆଇଓସିର ଏହି ନିଷ୍ପତ୍ତି ଭାରତର ଅଲିମ୍ପିକ୍ସ ଆୟୋଜନ ଯୋଜନାକୁ ବିଳମ୍ବ କରିପାରେ, କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ଅସମ୍ଭବ ହୋଇନାହିଁ। ବିଶେଷଜ୍ଞମାନଙ୍କ ମତରେ, ଏହା ଭାରତକୁ ନିଜର ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ଏବଂ ଆଇଓସିର ନୂତନ ଚୟନ ମାନଦଣ୍ଡ ଅନୁଯାୟୀ ନିଜକୁ ପ୍ରସ୍ତୁତି ସୁଯୋଗ ଦେଇପାରେ ଅହମ୍ମଦାବାଦରେ ଥିବା ଭିତ୍ତିଭୂମି ଏବଂ ଭାରତର ଅର୍ଥନୈତିକ ଓ ରାଜନୈତିକ ସ୍ଥିରତା ଏହାର ଦାବିକୁ ଏକ ଶକ୍ତିଶାଳୀ ଆଧାର ଯୋଗାଇ ଦେଉଛି।

# ଦ୍ୱିତୀୟ ଟେଷ୍ଟରୁ ବାଦ୍ ପଡ଼ିଲେ ବୁମରା




ନୂଆଦିଲ୍ଲୀ, ୨୭।୬: ଇଂଲଣ୍ଡ ବିପକ୍ଷ ଚାଲିଥିବା ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ଏକ ବଡ଼ ଝଟକା ଲାଗିଛି ଭାରତର ଷ୍ଟାର ଦ୍ରୁତ ବୋଲର ଜସପ୍ରିତ ବୁମରା ଏଡଜବାଷ୍ଟନରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଟେଷ୍ଟରୁ ବାଦ ପଡ଼ିଛନ୍ତି। ବିସିସିଆଇ ସୂତ୍ରରୁ ଜଣାପଡ଼ିଛି ଯେ ବୁମରାଙ୍କୁ କାର୍ଯ୍ୟଭାର ପରିଚାଳନା କାରଣରୁ ଏହି ମ୍ୟାଚରେ ବିଶ୍ରାମ ଦିଆଯାଇଛି।

ହେଡିଂଲିରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବୁମରା ଭାରତର ଶ୍ରେଷ୍ଠ ବୋଲର ଥିଲେ ସେ ପ୍ରଥମ ଇନିଂସରେ ୮୩ ରନ୍ ଦେଇ ୫ଟି ଉଇକେଟ ନେଇଥିଲେ, ଯାହା ଇଂଲଣ୍ଡ ବ୍ୟାଟିଂ ଲାଇନଅପକୁ ଦୋହଲାଇ ଦେଇଥିଲା। ତାଙ୍କ ଏହି ପ୍ରଦର୍ଶନ ଭାରତକୁ ମ୍ୟାଚରେ ପ୍ରତିଯୋଗିତାମୂଳକ ସ୍ଥିତିରେ ରଖିଥିଲା। ଏପରି ସ୍ଥିତିରେ ତାଙ୍କ ଅନୁପସ୍ଥିତି ଭାରତୀୟ ଦଳର ବୋଲିଂ ଲାଇନଅପକୁ ଦୁର୍ବଳ କରିପାରେ ବୋଲି କ୍ରିକେଟ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ବୁମରାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଅର୍ଶଦୀପ ଘରୋଇ କ୍ରିକେଟ ଏବଂ ସୀମିତ ଓଭର ଫର୍ମାଟରେ ନିଜର ପ୍ରତିଭା ଦେଖାଇଛନ୍ତି, କିନ୍ତୁ ଟେଷ୍ଟ କ୍ରିକେଟରେ ତାଙ୍କ ଅଭିଜ୍ଞତା ସୀମିତ ତେଣୁ, ବୁମରାଙ୍କ ଅନୁପସ୍ଥିତିରେ ଅର୍ଶଦୀପଙ୍କ ଉପରେ ବଡ଼ ଦାୟିତ୍ୱ ରହିବ। ଅନ୍ୟ ବୋଲରମାନେ ଯେପରି ମହମ୍ମଦ ସିରାଜ ଏବଂ ଆକାଶ ଦୀପଙ୍କୁ ମଧ୍ୟ ନିଜର ପ୍ରଦର୍ଶନକୁ ଉନ୍ନତ କରିବାକୁ ପଡ଼ିବ।

ଜସପ୍ରିତ ବୁମରା ଚଳିତ ବର୍ଷ ଟେଷ୍ଟ କ୍ରିକେଟରେ ଅତ୍ୟନ୍ତ ସଫଳ ରହିଛନ୍ତି। ଅଷ୍ଟ୍ରେଲିଆ। ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ସେ ୪ ମ୍ୟାଚରେ ୩୦ରୁ ଅଧିକ ଉଇକେଟ ନେଇଛନ୍ତି, ଯାହା ତାଙ୍କୁ ସିରିଜର ସଫଳତମ ବୋଲର କରିଛି। ଏହା ବ୍ୟତୀତ, ଚଳିତ ବର୍ଷ ସେ ୭୧ ଉଇକେଟ ନେଇ ବିଶ୍ୱର ଶ୍ରେଷ୍ଠ ଟେଷ୍ଟ ବୋଲରମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆକୁ ହରାଇଥିଲା, ଯେଉଁଠି ସେ ୯ ଉଇକେଟ ନେଇଥିଲେ।

## ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍

# ତନବୀ ସୃଷ୍ଟିକଲେ ବଡ଼ ବିପର୍ଯ୍ୟୟ

ଭୁବନେଶ୍ୱର: ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତର ତନ୍ୱୀ ଶର୍ମା ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଐତିହାସିକ ପ୍ରଦର୍ଶନ କରି ମହିଳା ଏକକର ପ୍ରଥମ ରାଉଣ୍ଡରେ ବିଶ୍ୱମାନ୍ୟତାର ୨୩ତମ ସ୍ଥାନରେ ଥିବା ତଥା ଦ୍ୱିତୀୟ ସିଡ୍ ଭିଏତନାମର ଏନଗୁଏନ୍ ତଉଏ ଲିନ୍‌ଙ୍କୁ ୨୧-୧୯, ୨୧-୯ରେ ହରାଇ ପ୍ରିକ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱ ନଂ-୧ କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ତାଙ୍କୁ ପ୍ରଥମ ରାଉଣ୍ଡରେ ବିଶ୍ୱମାନ୍ୟତାର ୭୭ତମ ସ୍ଥାନରେ ଥିବା ଇଂଲଣ୍ଡର ହାରି ହୁଆଙ୍ଗ ୨୧-୧୯, ୨୧-୧୪ରେ ପରାସ୍ତ କରିଛନ୍ତି।



ସେହିପରି ଅନ୍ୟ ୩ଭାରତୀୟ ପ୍ରିୟାଂଶୁ ରଜାତ, ଶଙ୍କର ସୁବ୍ରମଣ୍ୟମ ଓ ରିତ୍ୱିକ ସଂଜୀବ ସତୀଶ ମଧ୍ୟ ପ୍ରଥମ ରାଉଣ୍ଡ ବାଧା ପାର କରିପାରି ନାହାନ୍ତି। ଆୟୁଷ ସେଟ୍ଟୀ ଓ ତରୁଣ ମନେପାଲି କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି ବିଶ୍ୱମାନ୍ୟତାର ୩୪ତମ ସ୍ଥାନରେ ଥିବା ସେଟ୍ଟୀ ଡେନମାର୍କର ମ୍ୟାଗ୍ନସ ଜୋହାନସେନଙ୍କୁ ୨୧-୧୭, ୨୧-୧୯ ଏବଂ ମାନେପାଲି ଫ୍ରାନ୍ସର ଅର୍ଣ୍ଣଡ ମର୍କେଲଙ୍କୁ ୧୯-୨୧, ୨୧-୧୮, ୨୧-୧୮ରେ ହରାଇଥିଲେ। ମହିଳା ଏକକରେ ଇରା ଶର୍ମା ପରବର୍ତ୍ତୀ ରାଉଣ୍ଡକୁ ଯାଇଥିଲା ବେଳେ ତାନ୍ୟା ହେମନ୍ତ ଓ ଶ୍ରୀୟାଂସୀ ଭାଲିସେଟ୍ଟୀ ବିଦାୟ ନେଇଛନ୍ତି।

## ବ୍ରେଭିସଙ୍କୁ ପୁରସ୍କାର

ନୂଆଦିଲ୍ଲୀ: ଦକ୍ଷିଣଆଫ୍ରିକାର ଯୁବ ବ୍ୟାଟ୍ସମ୍ୟାନ୍ ଡୋଲ୍ଡ ବ୍ରେଭିସ୍ ଆଇପିଏଲ ୨୦୨୫ରେ ଚମତ୍କାର ବ୍ୟାଟିଂ କରିଥିଲେ ଯାହାର ସେ ଏବେ ଲାଭ ପାଇଛନ୍ତି। ବ୍ରଭିସ୍ ଦକ୍ଷିଣ ଆଫ୍ରିକାର ଟି-୨୦ ଦଳରେ ପ୍ରବେଶ କରିଛନ୍ତି। ବ୍ରେଭିସ୍ 'ଜୁନିଅର ଏବି' ନାମରେ ମଧ୍ୟ ଜଣାଶୁଣା ଏବି ଡି'ଭିଲିୟର୍ସଙ୍କ ପରି ବିସ୍ଫୋରକ ବ୍ୟାଟିଂ ପାଇଁ ତାଙ୍କୁ ଏହି ନାମ ମିଳିଥିଲା। ପ୍ରାୟ ଦୁଇ ବର୍ଷ ପରେ ବ୍ରେଭିସ୍ ଦକ୍ଷିଣ ଆଫ୍ରିକାର ଟି-୨୦ ଦଳକୁ ଫେରିଛନ୍ତି ବ୍ରେଭିସ୍ ଶେଷ ଥର ପାଇଁ ୨୦୨୩ ମସିହାରେ ଦକ୍ଷିଣ ଆଫ୍ରିକା ପାଇଁ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ବ୍ରେଭିସ୍ କେବଳ ଦୁଇଟି ମ୍ୟାଚ୍ ଖେଳିବାକୁ ସୁଯୋଗ ପାଇଥିଲେ। ଏହି ସମୟରେ ବ୍ରେଭିସ୍ କେବଳ ପା□ ରନ୍ କରିଥିଲେ। ଏହା ପରେ ତାଙ୍କୁ ଦଳରୁ ବାହାର କରିଦିଆଯାଇଥିଲା। ଦଳରୁ ବାହାର ହେବା ପରେ ବ୍ରେଭିସ୍ ତାଙ୍କ ବ୍ୟାଟିଂରେ ବହୁତ ଉନ୍ନତି ଆଣିଥିଲେ। ତା'ପରେ ସେ ବିଶ୍ୱର ବିଭିନ୍ନ ଘରୋଇ କ୍ରିକେଟ୍ ଏବଂ ଲିଗ୍ ଖେଳି ତାଙ୍କ ବ୍ୟାଟିଂରେ ଉନ୍ନତି ଆଣିଛନ୍ତି।

# ସରକାରୀ ଚାକିରି କରିବେ ରିଙ୍କୁ ସିଂହ



ନୂଆଦିଲ୍ଲୀ, ୨୭।୬(ମହାଭାରତ): ଭାରତର ଷ୍ଟାର କ୍ରିକେଟର ରିଙ୍କୁ ସିଂହଙ୍କୁ ଉତ୍ତର ପ୍ରଦେଶ ସରକାର ଶିକ୍ଷା ବିଭାଗରେ ମୌଳିକ ଶିକ୍ଷା ଅଧିକାରୀ ଭାବରେ ନିଯୁକ୍ତି ଦେଇଛନ୍ତି ରିଙ୍କୁଙ୍କ ବ୍ୟତୀତ ୬ଜଣ ଅନ୍ୟ ଖେଳାଳିଙ୍କୁ ଭିନ୍ନଭିନ୍ନ ବିଭାଗରେ ସରକାରୀ ଚାକିରି ମିଳିଛି। ଏହି ଖେଳାଳିମାକନଙ୍କ ମଧ୍ୟରେ ପ୍ରବୀଣ କୁମାର, ରାଜକୁମାର, ଅଜିତ ସିଂହ, ସିମରନ, ପ୍ରୀତିପାଲ ଓ କିରନ ବଲିୟାନ ସାମିଲ ଅଛନ୍ତି। ରିଙ୍କୁ ସିଂହଙ୍କ ପୂର୍ବରୁ ହରଭଜନ ସିଂହ, ମହମ୍ମଦ ସିରାଜ, କେଏଲ ରାହୁଲ, ଇଶାନ କିଷାନ, ଉମେଶ ଯାଦବ ମଧ୍ୟ ସରକାରୀ ଚାକିରି ପାଇଛନ୍ତି।

କିଛି ଲୋକଙ୍କ ମନରେ ପ୍ରଶ୍ନ ଉଠିଛି ଯେ ସରକାରୀ ଚାକିରି ପାଇଥିବା ଅନେକ କ୍ରିକେଟରମାନେ ମାସ ମାସ ଧରି ଚାଲୁଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଇପିଏଲରେ ମଧ୍ୟ ଅଂଶଗ୍ରହଣ କରନ୍ତି। ଏପରି ପରିସ୍ଥିତିରେ ଏହି କ୍ରିକେଟରମାନଙ୍କୁ କ୍ରିକେଟ ଖେଳିବା ପାଇଁ ସରକାରୀ ଚାକିରିରୁ କିପରି ଏତେଦିନ ଛୁଟି ମିଳିଥାଏ।

ସୂଚନାଯୋଗ୍ୟ, ଜଣେ ସାଧାରଣ ସରକାରୀ କର୍ମଚାରୀଙ୍କୁ ଅର୍ଜିତ ଛୁଟି, ଅସୁସ୍ଥତା ଛୁଟି, ଆକସ୍ମିକ ଛୁଟି, ମାତୃ/ପିତୃ ଛୁଟି ମିଳିଥାଏ। ଏହା ବ୍ୟତୀତ ସେମାନଙ୍କୁ ଛୁଟି ନେବା ପାଇଁ ସ୍ୱତନ୍ତ୍ର ଅନୁମତି ଆବଶ୍ୟକ ରହିଥାଏ। ଯାହା ବିଶେଷ ପରିସ୍ଥିତିରେ ସମ୍ପୃକ୍ତ ବିଭାଗ ଦ୍ୱାରା ଦିଆଯାଇଥାଏ।

ଆପଣମାୟନଙ୍କୁ ଜଣାଇ ଦେବାକୁ ଚାହିଁବୁ କି ସରକାରୀ କର୍ମଚାରୀଙ୍କ ପରି ଖେଳାଳିମାନଙ୍କୁ କ୍ରୀଡା ଇଭେଣ୍ଟ ଏବଂ ଜାତୀୟ ଏବଂ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ସ୍ପେଶାଲ କାଜୁଆଲ ଲିଭ ଦିଆଯାଏ ଯାହାକି ସର୍ବାଧିକ ୩୦ ଦିନର ଥାଏ। ଏହା ବ୍ୟତୀତ, ସେମାନଙ୍କୁ ସ୍ୱତନ୍ତ୍ର ଡ୍ୟୁଟି ଛୁଟି ମଧ୍ୟ ଦିଆଯାଏ ଏହି ସମୟ ମଧ୍ୟରେ ଖେଳାଳିଙ୍କ ଦରମା କଟାଯାଏ ନାହିଁ ଏବଂ ସେମାନଙ୍କୁ ପୂର୍ଣ୍ଣ ଦରମା ମିଳିଥାଏ।

# ରୋନାଲ୍ଡୋଙ୍କ ରାଜିନାମା ଆଉ ୨ ବର୍ଷ ବଢିଲା

ନୂଆଦିଲ୍ଲୀ, ୨୭।୬(ମହାଭାରତ): ବିଶ୍ୱର ଦିଗ୍ଗଜ ଫୁଟବଲର୍ସଙ୍କ ମଧ୍ୟରେ ଅନ୍ୟତମ କ୍ରିଷ୍ଟିୟାନୋ ରୋନାଲ୍ଡୋ ୨୦୨୨ ମସିହାରେ ସାଉଦୀ ପ୍ରୋ ଲିଗରେ ଅଲ-ନାସର କ୍ଲବ ସହିତ ରାଜିନାମା କରିଥିଲେ। ଏହି ରାଜିନାମା ଜୁନ ୨୦୨୫ରେ ସମାପ୍ତ ହେଉଥିଲା ଏବେ ସେ ଅଲ-ନାସର କ୍ଲବ ସହିତ ଡିଲକୁ ଆଉ ୨ ବର୍ଷ ଆଗକୁ ବଢାଇ ଏକ ବଡ ଡିଲ କରିଛନ୍ତି ଏଣୁ ୟୁରୋପୀୟ ଫୁଟବଲକୁ ରୋନାଲ୍ଡଙ୍କ ପ୍ରତ୍ୟାବର୍ତ୍ତନର ଅଟକଳ ଉପରେ ଫୁଲଷ୍ଟପ ଲାଗିଯାଇଛି। କ୍ରିଷ୍ଟିୟାନୋ ରୋନାଲ୍ଡୋ ସୋସିଆଲ ମିଡିଆ। ପ୍ଲାଟଫର୍ମ ଏକ୍ସ ରେ ସାଉଦୀ ପ୍ରୋ ଲିଗରେ ଅଲ-ନାସର କ୍ଲବ ସହ ତାଙ୍କ ରାଜିନାମା ଆଉ ଦୁଇ ବର୍ଷ ସମ୍ପ୍ରସାରଣ କରିଥିବା ସୂଚିତ କରିଛନ୍ତି ସେ ଲେଖିଛନ୍ତି ଯେ ଏକ ନୂଆ। ଅଧ୍ୟାୟ ଆରମ୍ଭ ହେଲା ସେହି ନିଶା, ସେହି ସ୍ୱପ୍ନ ଆସନ୍ତୁ ମିଳିମିଶି ଇତିହାସ ରଚିବା ଅନ୍ୟପଟେ ଅଲ-ନାସର କ୍ଲବ କହିଛି ଯେ ରୋନାଲ୍ଡୋଙ୍କ ସହିତ ରାଜିନାମା ୨୦୨୭ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି।



ଏଥିରେ ଫ୍ୟାନସଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱଭାବିକ ଯେ ଅଲ-ନାସର କ୍ଲବ ସହିତ ରାଜିନାମା ଆଗକୁ ବଢିବା ଯୋଗୁ ରୋନାଲ୍ଡୋଙ୍କୁ ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ କେତେ ଦେୟ ଓ କେଉଁ କେଉଁ ସୁବିଧା ସବୁ ମିଳିବ?

ଟାସ୍କ ସ୍ପୋର୍ଟସ୍ ଅନୁସାରେ ଅଲ-ନାସର ସହିତ ରାଜିନାମା ଆଗକୁ ବଢିବା ଯୋଗୁ ରୋନାଲ୍ଡୋଙ୍କୁ ପ୍ରତିବର୍ଷ ୧୭୮ ମିଲିନୟ ପାଉଣ୍ଡ (ପାଖାପାଖି ୨୦୦୦ କୋଟି ଟଙ୍କା) ମିଳିବ। ଏହା ସହିତ ଫୁଟବଲରଙ୍କୁ ଅନ୍ୟ ଭତ୍ତା ସବୁ ମଧ୍ୟ ମିଳିବ। ଏଥିରେ ଯଦି ଅଲ-ନାସର କ୍ଲବ ଟାଇଟଲ ଟ୍ରଫି ଜିତେ ତେବେ ରୋନାଲ୍ଡୋଙ୍କୁ ଅଲଗା ୮ ମିଲିୟନ ପ୍ରଦାନ କରାଯିବ। ଏହା ଛଡା ସାଇନିଂ ଏମାଉଣ୍ଟ ରୂପେ ରୋନାଲ୍ଡୋଙ୍କୁ ୨୪.୫ ମିଲିୟନ ପ୍ରଦାନ କରାଯିବ। ସେହିପରି କ୍ଲବ ତାଙ୍କ ପ୍ରାଇଭେଟ ଜେଟ୍ ଖର୍ଚ୍ଚ ମଧ୍ୟ ବହନ କରିବ। ଉଲ୍ଲେଖଯୋଗ୍ୟ ଯେ ପର୍ତ୍ତୁଗାଲ ଫୁଟବଲର ରୋନାଲ୍ଡୋଙ୍କ ପ୍ରଦର୍ଶନ ଅଲ-ନାସର କ୍ଲବ ପାଇଁ ଉଲ୍ଲେଖନୀୟ ରହିଛି। ସେ ଏହି କ୍ଲବ ପାଇଁ ଟପ ସ୍କୋରର ମଧ୍ୟ ସେ କ୍ଲବରେ ଖେଳିବା କାଳରେ ମୋଟ ୨୫ଟି ଗୋଲ ସ୍କୋର କରିଛନ୍ତି। ହେଲେ ଅଲ-ନାସର କ୍ଲବ ଏପର୍ଯ୍ୟନ୍ତ ସାଉଦୀ ପ୍ରୋ ଲିଗ ଟାଇଟଲ ଜିତି ନାହିଁ ତେବେ ଫ୍ୟାନ୍ସ ଆଶା କରୁଛନ୍ତି। ଏଥର ରୋନାଲ୍ଡୋ ନିଶ୍ଚିତ ରୂପେ ଟିମକୁ ଚାମ୍ପିୟନ କରିବେ।

# ଶେଷରେ କ୍ରିକେଟ ଦୁନିଆକୁ ଏଣ୍ଟ୍ରି କଲେ ସଲମାନ

ନୂଆଦିଲ୍ଲୀ, ୨୭।୬: ଦେଶର ପ୍ରଥମ ଏବଂ ସର୍ବବୃହତ ଟେନିସ-ବଲ ଟି ୧୦ କ୍ରିକେଟ ଲିଗ ଇଣ୍ଡିଆନ ଷ୍ଟ୍ରିଟ ପ୍ରିମିୟର ଲିଗ (ଆଇଏସ୍‌ପିଏଲ୍ ସିଜିନ ୩) ଏହାର ତୃତୀୟ ସିଜିନ ପୂର୍ବରୁ ଏକ ବଡ଼ ଘୋଷଣା କରିଛି। ବଲିଉଡ ସୁପରଷ୍ଟାର ସଲମାନ ଖାନ ଏବେ ଆଇଏସ୍‌ପିଏଲ୍‌ର ନୂଆ। ଦିଲ୍ଲୀ ଫ୍ରାଞ୍ଚାଇଜର ମାଲିକ ହେବେ। ଏହି ନୂତନ ଦଳକୁ ଆଇଏସ୍‌ପିଏଲ୍‌ରେ ଏପରି ସମୟରେ ସାମିଲ କରାଯାଇଛି ଯେତେବେଳେ ଲିଗ ଏହାର ଦ୍ୱିତୀୟ ସିଜିନରେ ରେକର୍ଡ ଭାଙ୍ଗି ଲୋକପ୍ରିୟତା ହାସଲ କରିଛି।

ଆଇଏସ୍‌ପିଏଲ୍‌ର ସିଜିନ ୨ ଟିଭିରେ ୨.୮ କୋଟିରୁ ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚିଛି ଏବଂ ପ୍ରଥମ ସିଜିନ ତୁଳନାରେ ୪୭ ପ୍ରତିଶତ ଅଭିବୃଦ୍ଧି ପଞ୍ଜିକୃତ କରିଛି। ଏହା ଆଇଏସ୍‌ପିଏଲ୍‌କୁ ଦେଶର ସବୁଠାରୁ ବଡ଼ କ୍ରୀଡା ଏବଂ ମନୋରଞ୍ଜନ ମହୋତ୍ସବ ମଧ୍ୟରୁ ଗୋଟିଏ କରିଛି, ଯାହା ଦର୍ଶକଙ୍କୁ କ୍ରିକେଟ ସହିତ ସଙ୍ଗୀତ ଏବଂ ତାରକାଙ୍କ ସଙ୍ଗମର ଏକ ଅନନ୍ୟ ଅଭିଜ୍ଞତା ପ୍ରଦାନ କରେ। ସଲମାନ ଖାନଙ୍କ ସାମିଲ କେବଳ ନୂଆଦିଲ୍ଲୀ ଦଳକୁ ମଜବୁତ କରିବ ନାହିଁ, ବରଂ ସମଗ୍ର ଲିଗକୁ ଏକ ନୂତନ ଉତ୍ସାହ ଏବଂ ନୂତନ ପରିଚୟ ଦେବ। ଏବେ ସେ ଆଇଏସ୍‌ପିଏଲ୍‌ର ଅନ୍ୟ ଦଳଗୁଡ଼ିକର ମାଲିକ ଥିବା ସେଲିବ୍ରିଟିଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଏଥିରେ ଅମିତାଭ ବଚ୍ଚନ (ମାଝି ମୁମ୍ବାଇ), ସୈଫ ଅଲ୍ଲୀ ଖାନ ଏବଂ କରୀନା କପୁର ଖାନ (ଟାଇଗର୍ସ ଅଫ କୋଲକାତା), ଅକ୍ଷୟ କୁମାର (ଶ୍ରୀନଗର କେ ବୀର), ସୂର୍ଯ୍ୟା (ଚେନ୍ନାଇ ସିଂଘମ୍ସ), ହ୍ରିତିକ ରୋଶନ (ବାଙ୍ଗାଲୋର ଷ୍ଟ୍ରାଇକର୍ସ) ଏବଂ ରାମ ଚରଣ (ଫାଲକନ ରାଇଜର୍ସ ହାଇଦ୍ରାବାଦ) ଭଳି ନାମ ଅନ୍ତର୍ଭୁକ୍ତ।

# ବଦଳିବେ ଟିମ ଇଣ୍ଡିଆର ଅଧିନାୟକ ?




ନୂଆଦିଲ୍ଲୀ, ୨୭।୬(ଏଜେନ୍ସି): ଭାରତୀୟ କ୍ରିକେଟ ଟିମ୍ ବର୍ତ୍ତମାନ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜ ଖେଳୁଛି, ଯାହାର ଅଧିନାୟକ୍ ଶୁବମନ ଗିଲଙ୍କ ହାତରେ ଅଛି। ଏହି ଗସ୍ତ ପରେ, ଟିମ ଇଣ୍ଡିଆ। ଧଳା ବଲ କ୍ରିକେଟ ଖେଳିବ, ଯାହା ପାଇଁ ଦଳରେ ଏକ ବଡ଼ ପରିବର୍ତ୍ତନ ହୋଇପାରେ। ଟିମ ଇଣ୍ଡିଆ। ଅଗଷ୍ଟରେ ବାଂଲାଦେଶ ଗସ୍ତ କରିବ, ସେଠାରେ ୩ ଟି ଦିନିକିଆ ଏବଂ ସମାନ ଟି-୨୦ମ୍ୟାଚ ର ସିରିଜ ହେବ ଏହି ଗସ୍ତ ପାଇଁ ଭାରତୀୟ ଦଳର ଅଧିନାୟକ ପରିବର୍ତ୍ତନ ହୋଇପାରେ।

ଟିମ ଇଣ୍ଡିଆ ବାଂଲାଦେଶ ଗସ୍ତରେ ଅଗଷ୍ଟ ୧୭ରୁ ଦିନିକିଆ ସିରିଜ ଖେଳିବ ଟି-୨୦ ଏବଂ ଟେଷ୍ଟରୁ ଅବସର ନେଇଥିବା ରୋହିତ ଶର୍ମା ବର୍ତ୍ତମାନ ଦିନିକିଆ ଫର୍ମାଟରେ ଖେଳୁଛନ୍ତି, ତେଣୁ ସେ ଏହି ସିରିଜରେ ଅଧିନାୟକ ହୋଇପାରନ୍ତି। ଏହା ପରେ, ଅଗଷ୍ଟ ୨୬ ରୁ ଟି-୨୦ ସିରିଜ ଆରମ୍ଭ ହେବ, ଯେଉଁଥିରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବାହାରେ ରହିପାରନ୍ତି।

ଭାରତୀୟ କ୍ରିକେଟ ଦଳରେ ବର୍ତ୍ତମାନ ତିନୋଟି ଫର୍ମାଟରେ ଭିନ୍ନ ଭିନ୍ନ ଅଧିନାୟକ। ଅଛନ୍ତି ଟି-୨୦ର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, କିନ୍ତୁ ବାଂଲାଦେଶ ବିପକ୍ଷରେ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ପ୍ରକୃତରେ, ସମ୍ପ୍ରତି ତାଙ୍କର ସ୍ପୋର୍ଟସ ହାର୍ନିଆ। ପାଇଁ ଏକ ଅସ୍ତ୍ରୋପଚାର କରାଯାଇଛି। ଯାହା ପରେ ସେ ବିଶ୍ରାମ ନେଇଛନ୍ତି। ତାଙ୍କର ଅସ୍ତ୍ରୋପଚାର ଜର୍ମାନୀରେ କରାଯାଇଥିଲା। ଏହି ସୂଚନା ଦେଇ ସେ କହିଛନ୍ତି ଯେ ସେ ଏବେ ସୁସ୍ଥ ହୋଇଯିବେ ଏବଂ ଶୀଘ୍ର ପଡ଼ିଆକୁ ଫେରିବାକୁ ଆଗ୍ରହୀ।

ହାର୍ନିଆ ଅସ୍ତ୍ରୋପଚାର ପରେ ସୁସ୍ଥ ହେବା ସମୟ ପ୍ରାୟ ୮ ରୁ ୧୨ସପ୍ତାହ, ତେଣୁ ତାଙ୍କ ପାଇଁ ବାଂଲାଦେଶ ଗସ୍ତରେ ଯିବା କଷ୍ଟକର। କିଛି ସମୟ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଖରାପ ସମ୍ପର୍କ ଯୋଗୁ ଏହି ସିରିଜ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା, କିନ୍ତୁ ରିପୋର୍ଟ ଅନୁସାରେ, ବିସିସିଆଇ ଅଧିକାରୀ କହିଛନ୍ତି ଯେ ଏହି ଗସ୍ତ ବର୍ତ୍ତମାନ ହୋଇପାରେ। ଟେଷ୍ଟ ଅଧିନାୟକ ଶୁବମନ ଗିଲଙ୍କୁ ଏହି ଗସ୍ତରେ ବିଶ୍ରାମ ଦିଆଯାଇପାରିବ, ଯେପରି ପୂର୍ବରୁ ସେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଶେଷ କରି ଘରକୁ ଫେରିବେ। ଏପରି ପରିସ୍ଥିତିରେ, ଅକ୍ଷର ପଟେଲ କିମ୍ବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦାୟିତ୍ୱ ଦିଆଯାଇପାରେ।

# କୁଲଦୀପ ଯାଦବଙ୍କ ସପକ୍ଷରେ ମାଇକେଲ୍ କ୍ଲାର୍କ

ନୂଆଦିଲ୍ଲୀ, ୨୭।୬(ମହାଭାରତ) ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦ୍ରୁତ ବୋଲର ଆକ୍ରମଣ ଦୁର୍ବଳ ନଜର ଆସିଛି। ଯଶପ୍ରୀତ ବୁମରାଙ୍କୁ ଛାଡ଼ି ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା ଓ ଶାର୍ଦ୍ଦୁଲ ଠାକୁର ପ୍ରଭାବହୀନ ସହ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଦଳରେ ଏକମାତ୍ର ସ୍ପିନର ଭାବେ ଖେଳୁଥିବା ରବୀନ୍ଦ୍ର ଜାଡ଼େଜାଙ୍କୁ କେବଳ ଗୋଟିଏ ୱିକେଟ୍ ମିଳିଛି। ଜାଡ଼େଜା ଶାଣିତ ବୋଲିଂ କରିଥିଲେ ହେଁ ଅନ୍ୟ ପାର୍ଶ୍ୱରୁ ତାଙ୍କୁ ଉତ୍ତମ ସହଯୋଗ ମିଳି ନ ଥିଲା। ଏହି କାରଣରୁ ପୂର୍ବତନ କ୍ରିକେଟର ଦ୍ୱିତୀୟ ଟେଷ୍ଟରେ ଭାରତୀୟ ଦଳରେ ପରିବର୍ତ୍ତନ ଦେଖିବାକୁ ଚାହାନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ। ମାଇକେଲ୍ କ୍ଲାର୍କଙ୍କ ମତରେ ଭାରତୀୟ ଦଳ ପ୍ରବନ୍ଧକ କୁଲଦୀପ ଯାଦବଙ୍କୁ ଅବଶିଷ୍ଟ ମ୍ୟାଚ୍ ଗୁଡ଼ିକରେ ଚୂଡ଼ାନ୍ତ ଏକାଦଶରେ ସାମିଲ୍ କରାଯିବା ଉଚିତ। ମାଇକେଲ୍ କ୍ଲାର୍କ ଏକ ପୋଡକାଷ୍ଟରେ କହିଛନ୍ତି, ବୋଲିଂ ହିସାବରେ ମୁଁ କୌଣସି ଗୋଟିଏ ବୋଲରକୁ ନେଇ କିଛି ଟିପ୍ପଣୀ କରିବି ନାହିଁ। ମାତ୍ର ମୋତେ ଲାଗୁଛି କୁଲଦୀପଙ୍କୁ ମ୍ୟାଚ୍‌ରେ ସାମିଲ୍ କରିବାକୁ ପଡ଼ିବ। ମୋତେ ଲାଗୁଛି ଏହା ହିଁ ଭାରତ ପାଇଁ ସହଜ ହେବ। କାରଣ କୁଲଦୀପ ୱିକେଟ୍ ଟେକର ବୋଲର ପ୍ରଥମ ଟେଷ୍ଟରେ ଆମେ ଯେଉଁ ବୋଲିଂ ଆକ୍ରମଣ ଦେଖିଲୁ ତାଠୁ ଅଧିକ ପ୍ରଭାବଶାଳୀ ହୋଇ ପାରିବେ କୁଲଦୀପ। ଇଂଲଣ୍ଡ ଖେଳାଳିଙ୍କୁ କୁଲଦୀପଙ୍କୁ ଖେଳିବା ମୁସ୍କିଲ ହେବ। ଯଦି କୁଲଦୀପ ଭଲ ଫର୍ମରେ ଥିବେ ତେବେ ସେ ସିରିଜରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇ ପାରନ୍ତି। କାରଣ ଇଂଲଣ୍ଡ ଆକ୍ରମଣାତ୍ମକ କ୍ରିକେଟ୍ ଖେଳିବାକୁ ପସନ୍ଦ କରିଥାଏ ଆଉ ତାଙ୍କ ଖେଳକୁ କୁଲଦୀପଙ୍କ ବୋଲିଂ ଭାରତର ରଣନୀତି ପାଇଁ ବେଶ ସହାୟକ ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ